ଧରିତ୍ରୀ
DHARITRI
January 1-7, 2023 ₹ 2/-

ଛୁଟିଦିନ





# ଗ୍ରୀଟିଂସ୍ କାର୍ଡ

## ଏକ ମିଠା ଅନୁଭବର ନାଁ...

କେବେ ସେ ମିଳେ ବହି
ଭିତରେ। ଆଉ କେବେ ଡାକବାଲା ଆସି
ଦେଇଯାଏ। ନାଁ ଓ ଠିକଣା ଦେଖିଦେଲେ
ସେଇ ପ୍ରିୟ ମଣିଷଟିର ମୁହଁ ଆଖି ଆଗରେ
ନାଚି ଉଠେ। ଆଉ ତା'ର ରଙ୍ଗିନ ଲଫାପା
ଖୋଲୁ ଖୋଲୁ ଓଠରେ ଆପେ ଚେନାଏ
ହସ ବୋଳି ହୋଇଯାଏ। ସେ
ହେଉଛି ଅଭିନନ୍ଦନ ପତ୍ର
ବା ଗ୍ରୀଟିଂସ୍ କାର୍ଡ...

ପ୍ରଚ୍ଛଦ ପ୍ରସଙ୍ଗ
୩



## ସୁଖ ସମୃଦ୍ଧି ଆଣିବ

# ନୂତନ ବର୍ଷ

**ପ୍ରାୟ ସମସ୍ତଙ୍କର ଇଚ୍ଛା ଥାଏ ନୂଆବର୍ଷଟି ଯେମିତି ସୁଖ ଓ ସମୃଦ୍ଧିମୟ ହେଉ। ସେଥିପାଇଁ ବାସ୍ତୁଶାସ୍ତ୍ରରେ କିଛିଟା ସହଜ ଉପାୟ କୁହାଯାଇଛି; ଯାହାକୁ ଆପଣାଇଲେ ନୂଆବର୍ଷଟି ସମସ୍ତଙ୍କ ପାଇଁ ସୁଖମୟ ହେବ...**

* ନୂଆବର୍ଷ ପାଇଁ ଘରେ ନୂଆ କ୍ୟାଲେଣ୍ଡର ଲଗାଇବା ଏକ ସାଧାରଣ କଥା। କିନ୍ତୁ କ୍ୟାଲେଣ୍ଡରକୁ ଘରର ପୂର୍ବ ଦିଗରେ ଲଗାଇଲେ ଶୁଭଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଶେଷକରି ସୂର୍ଯ୍ୟୋଦୟର ଫଟୋ ଲାଗିଥିବା କ୍ୟାଲେଣ୍ଡରକୁ ଏହି ଦିଗରେ ଲଗାଇଲେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି।



* ଘରର ଉନ୍ନତି ପାଇଁ ଅନେକେ ନୂଆବର୍ଷ ଅବସରରେ ଘରକୁ ଭଗବାନ ଗଣେଶଙ୍କର ମୂର୍ତ୍ତି ହେଉ କି ଲାଫିଙ୍ଗ୍ ବୁଦ୍ଧ ଅବା କଇଁଛର ପ୍ରତିମା ଆଣିଥାନ୍ତି। ତେବେ ଗଣେଶଙ୍କ ପ୍ରତିମା ରଖିବା ପାଇଁ ଘରର ଉତ୍ତର, ଉତ୍ତର-ପୂର୍ବ ତଥା ପଶ୍ଚିମ ଦିଗ ସର୍ବୋତ୍ତମ ହୋଇଥିବାବେଳେ ଲାଫିଙ୍ଗ୍ ବୁଦ୍ଧ ପାଇଁ ଦକ୍ଷିଣ-ପୂର୍ବ ଦିଗ ଏବଂ କଇଁଛ ପ୍ରତିମା ପାଇଁ ଉତ୍ତର ଦିଗ ସବୁଠୁ ଭଲ ହୋଇଥାଏ।

* ସେହିପରି ନୂଆବର୍ଷ ଦିନ ସକାଳୁ ଉଠି ପାଣିରେ ଲୁଣ ପକାଇ ଘରକୁ ଭଲ ଭାବେ ପୋଛିଦେଲେ ଘରେ ଥିବା ନକାରାତ୍ମକ ଉର୍ଜା ଦୂର ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

* ଅନ୍ୟପକ୍ଷେ ନୂଆବର୍ଷ ଦିନ ଘରେ ସୂର୍ଯ୍ୟୋଦୟର ଫଟୋ ହେଉ ଅବା ଫୁଲଭରା ବଗିଚାର ଫଟୋ ଲଗାଇବା ବି ଘର ପାଇଁ ସୁଖଶାନ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଜାନୁୟାରୀ ୧-୭**

**ମେଷ**

ଇଂରାଜୀ ନୂଆବର୍ଷର ପ୍ରଥମ ସପ୍ତାହରେ ଆପଣଙ୍କ କର୍ମକ୍ଷେତ୍ର ପ୍ରଶସ୍ତ ରହିବ, ନୂଆନୂଆ କାମ ହାତକୁ ନେବେ, ଆର୍ଥିକ ଅଭିବୃଦ୍ଧି ଘଟିବ, ପ୍ରତିଷ୍ଠା ଓ ପ୍ରଶଂସା ପାଇବେ, ବୁଝାମଣାର ଅଭାବ, ସାଂଗଠନିକ ପ୍ରକ୍ରିୟାରମ୍ଭ, ନୂତନ ଦିଗ୍‌ଦର୍ଶନ ଦେବେ।

**ବୃଷ**

ଦୈହିକ ସୁସ୍ଥତା, କର୍ମଦକ୍ଷତାର ପ୍ରଶଂସା, ଶତ୍ରୁତାର ବିନାଶ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଅର୍ଥ ସମ୍ପର୍କରେ ଉନ୍ନତି, ପ୍ଲଟିଙ୍ଗ୍ ବ୍ୟବସାୟରେ ସଫଳତା, ପରିବହନରେ ଉନ୍ନତି, ମିଥ୍ୟାଭିଯୋଗରୁ ମନସ୍ତାପ।

**ମିଥୁନ**

ପରିସ୍ଥିତି ବଦଳିଯିବ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ନୂଆବନ୍ଧୁ ଜୁଟିବେ, ଗବେଷଣାରେ ଅଗ୍ରଗତି, ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ, ଅନୁକୂଳ ବାତାବରଣ, ସଭାସମିତିକୁ ନିମନ୍ତ୍ରଣ, ପାରିବାରିକ ମତାନ୍ତର।

**କର୍କଟ**

ସୃଜନଶକ୍ତିର ଅଭିବୃଦ୍ଧି, ସୌନ୍ଦର୍ଯ୍ୟ ପିପାସୁ ହେବେ, କଳାସାହିତ୍ୟରେ ରୁଚି, ଦୀର୍ଘମିଆଦୀ ଯୋଜନାରମ୍ଭ, ପରିବାରରେ ସନ୍ଦେହ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ବ୍ୟସ୍ତତା ବଢ଼ିବ, ନୂତନ ଅଫର୍ ପାଇବେ, ବ୍ୟବସାୟିକ ଉତ୍କର୍ଷତା।

**ସିଂହ**

ସମସ୍ୟା ସମାଧାନ, ମାନସିକ ଆଶ୍ୱସ୍ତି, ପିକ୍‌ନିକ୍‌ର ଯୋଜନା, ନୂତନ ବାଣିଜ୍ୟାରମ୍ଭ, ଶେୟାର ବଜାରରେ ଉନ୍ନତି, ନିର୍ମାଣ ଧିମେଇବ, ପ୍ରତିରୋଧ ସାମନା, ସହକର୍ମୀଙ୍କ ଦୌରାତ୍ମ୍ୟ, ଭୁଲ୍ ବୁଝାମଣା ଦୂରେଇଯିବ, ପୁତ୍ରବଧୂଙ୍କ ସମସ୍ୟା।

**କନ୍ୟା**

ଉଦାର ଭାବନା, ତ୍ୟାଗପୂତ ମନୋଭାବ, ପାରବାରିକ ଶାନ୍ତି, ପ୍ରଶାସନିକ ଆଲୋଚନା, ଆଇନ ସହାୟତାପ୍ରାପ୍ତି, ଅଦାଲତରେ ବିଜୟ, ଏଜେନ୍ସିପ୍‌ର ପ୍ରସାର, ଚୁକ୍ତିପତ୍ର ସ୍ୱାକ୍ଷରିତ, ସଭାସମିତିକୁ ନିମନ୍ତ୍ରଣ, କର୍ମକ୍ଷେତ୍ରରେ ପ୍ରତିଷ୍ଠା।

**ତୁଳା**

ମାନସିକ ସୁସ୍ଥତା, ବନ୍ଧୁଙ୍କ ଅକୁଣ୍ଠ ସାହାଯ୍ୟ, ନୂତନ କର୍ମାରମ୍ଭ, ପାରିବାରିକ ସହମତି, ସାମୟିକ ଆଶ୍ୱସ୍ତି, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରା ବିଳମ୍ବ, କର୍ମ ସମ୍ପାଦନରେ ବିଘ୍ନ, ପ୍ରତିଯୋଗିତାରେ ସଫଳତା, ରାଜନୈତିକ ଗୁପ୍ତବୈଠକ।

**ବିଛା**

ଜୀବନଶୈଳୀ ବଦଳାଇବେ, ନୈରାଶ୍ୟ ଅନୁଭବ, ପ୍ରିୟବନ୍ଧୁଙ୍କ ଆଶ୍ୱାସନା, ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ, ମିତ୍ରବନ୍ଧୁ ସମାଗମ, ବିଳମ୍ବିତକର୍ମରୁ କୈଫିୟତ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଦୂରଯାତ୍ରାର ଯୋଜନା।

**ଧନୁ**

ଅନୁକୂଳ ପରିବେଶ, ଯୋଜନା କାର୍ଯ୍ୟକାରୀ ହେବ, ଗୃହୋପଯୋଗୀ ଜମି କ୍ରୟ, କଳକାରଖାନାରେ ଅଶାନ୍ତି, ଭୁଲ୍ ନିଷ୍ପତ୍ତିରେ ଦ୍ୱନ୍ଦ୍ୱ, ସାମାଜିକ ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି, ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ।

**ମକର**

ଭ୍ରମଣପ୍ରିୟ ହେବେ, ଖୋଜୁଥିବା ଜିନିଷ ପାଇବେ, ଅସ୍ଥିରତା ଦୂର ହେବ, ବ୍ୟୟବହୁଳତାରୁ ମନସ୍ତାପ, ବନ୍ଧୁଙ୍କ କାର୍ଯ୍ୟରେ ଅତିଷ୍ଠ, ପ୍ରତିକୂଳତାର ଚାପବୃଦ୍ଧି, ଅସ୍ଥାବର ସମ୍ପତ୍ତି ବିକ୍ରୟ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା।

**କୁମ୍ଭ**

ସମସ୍ୟାକୁ ପ୍ରତିହତ ହେବ, ସୁସମ୍ପର୍କ ସ୍ଥାପନ, ପ୍ରିୟଜନଙ୍କ ସହମତି, ଆର୍ଥିକ ପ୍ରଗତି, ଜମିଜମା କ୍ରୟବିକ୍ରୟ, ଶୁଭେଚ୍ଛୁଙ୍କ ପ୍ରଶଂସା, ଅନୁସନ୍ଧାନରେ ସଫଳତା, ପ୍ରଶାସନିକ ତତ୍ପରତା, ପ୍ରକାଶନରେ ବିଳମ୍ବ।

**ମୀନ**

ସଂକଟଜନକ ପରିସ୍ଥିତି, ଗାଡ଼ିଚାଳନାରୁ ସମସ୍ୟା, ଆତ୍ମୀୟଙ୍କ ଅନାଦରଭାବ, ଜମିଜମା ସୀମାବିବାଦ, ଭୁଲ କାମ କରିପାରନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ସୁପରାମର୍ଶ, ବାଣିଜ୍ୟର ଅଭିବୃଦ୍ଧି, ନୂତନ କର୍ମାରମ୍ଭ।

# ନୂଆ ସଂକଳ୍ପ

ନୂଆବର୍ଷର ଅବସର ସମସ୍ତଙ୍କ ପାଇଁ ବହୁତ ଖାସ୍ ହୋଇଥାଏ। ତେଣୁ ଏଇ ଦିନ ଆସିବା ମାତ୍ରେ ହିଁ ଜୀବନକୁ ସକାରାତ୍ମକ ଭାବରେ ଜିଇଁବା ଲାଗି ଅନେକେ କିଛି ସଂକଳ୍ପ ନେଇଥାନ୍ତି। କିନ୍ତୁ ପରେ କାର୍ଯ୍ୟବ୍ୟସ୍ତତା ଭିତରେ ରହି ସେ ସବୁକୁ ପାଳନ କରିବାକୁ ଭୁଲିଯାନ୍ତି। ହେଲେ ଏଠାରେ ମନେରଖିବା ଉଚିତ ଯେ, ସମୟ କେବେ ବି ଆମ ଜୀବନରେ ପରିବର୍ତ୍ତନ ଆଣିପାରିବ ନାହିଁ ବରଂ ନିଜର ଇଚ୍ଛାଶକ୍ତି ଓ ଉଦ୍ୟମ ବଳରେ ହିଁ ଆମେ ଆମ ଜୀବନକୁ ଠିକ୍ ଭାବେ ଜିଇଁପାରିବା ଆଉ ଖୁସିରେ ରହିପାରିବା। ତେଣୁ ନୂଆବର୍ଷ ଅବସରରେ ବେଶି ନ ହେଲେ ବି ଅନ୍ତତଃ ଏଇ କେତୋଟି କଥା ପ୍ରାୟ ସମସ୍ତେ ମାନିବା ନିହାତି ଆବଶ୍ୟକ। ଯେମିତିକି- ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା। ଯେତେ କାମ ଥାଉ ପଛେ ଠିକ୍ ସମୟରେ ଖାଇବା ଆଉ ଠିକ୍ ସମୟରେ ଶୋଇବା। କାରଣ ଏହି ଦୁଇଟି ହିଁ ହେଉଛି ସୁସ୍ଥ ରହିବାର ସବୁଠୁ ସହଜ ଉପାୟ। ଏଥିସହିତ ପ୍ରତିଦିନ ହାଲ୍‌କା ବ୍ୟାୟାମ କରିବା ବି ଜରୁରୀ। ଦ୍ୱିତୀୟରେ ନିଜ ପାଇଁ ଓ ନିଜ ପରିବାର ପାଇଁ ସମୟ ବାହାର କରିବା। କାରଣ ଜୀବନ କ୍ଷଣସ୍ଥାୟୀ। କେତେବେଳେ କ'ଣ ହେବ



କେହି କହି ପାରିବେନି। ତେଣୁ ଯେତିକି ଦିନ ବଞ୍ଚିବା ଖୁସିରେ ବଞ୍ଚିବା ଓ ଅନ୍ୟକୁ ଖୁସି ଦେବା। ମନରୁ ହିଂସା, ବାଦ, ଅହଂକାର, ଈର୍ଷା, ଲୋଭ ଦୂରେଇ ପରକୁ ଆପଣାର କରିବା ଆଉ ଅନ୍ୟର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହେବା ହେଉଛି ସବୁଠୁ ବଡ଼ ମଣିଷପଣିଆ।

# ପାଠକୀୟ

* କାଠରେ ନିର୍ମିତ କିନ୍ତୁ ଶତାଧିକ ବର୍ଷ ହେବ ସମ୍ପୂର୍ଣ୍ଣ ସୁରକ୍ଷିତ। ଓଡ଼ିଶାରେ ରହିଛି ଏମିତି ମନ୍ଦିର, କୂପ ଓ ପର୍ଯ୍ୟଟନସ୍ଥଳୀ; ଯାହା ଏବେବି ଲୋକଙ୍କୁ ଚକିତକରେ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'କାଠ ବୋଲି ପ୍ରସିଦ୍ଧ' ଏକ ନିଆରା ଆଲେଖ୍ୟ ଥିଲା। 'କେଉଁଠି ଲଗାଇବେ ପିତୃପୁରୁଷଙ୍କ ଫଟୋ' ଏବଂ 'ଭାଗ୍ୟ ବଦଳାଇବ ଗୋଲାପଫୁଲ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା।

*– ସ୍ୱୟଂ ମିଶ୍ର, ପିପିଲି, ପୁରୀ*

* ଏଥର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'କାଠ ବୋଲି ପ୍ରସିଦ୍ଧ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଶୀତରେ କିପରି କରିବେ ଗ୍ଲୋ ତାହା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସ୍ୱରସାଧିକା ସାଗରିକା ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରୁ 'ଆମ ଲୋକ' ଶୀର୍ଷକ ଗପଟି ପଢ଼ିଲି, ଏହା ଖୁବ୍ ମନଛୁଆଁ ହୋଇଥିଲା।

*– ମାନସୀ ସେନାପତି, ପୋଖରୀପୁଟ, ଭୁବନେଶ୍ୱର*

* ସିନେମା ପୃଷ୍ଠାରେ ସ୍ଥାନିତ କିଆରା ଆଡଭାନୀଙ୍କ ଫଟୋଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଏଥିସହିତ 'ନୋ ରୋମାଣ୍ଟିକ୍', 'ବୋଲ୍ଡ ଶଟ୍ ପାଇଁ ପ୍ରସ୍ତୁତି', 'ଭୂମିଙ୍କ ରୋଲ୍ ମଡେଲ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ଅନ୍ୟପକ୍ଷେ କାବ୍ୟସାରଥି ପବନୀ ଜେନାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ପ୍ରେରଣାଦାୟୀ ଲାଗୁଥିଲା।

*– ଅମରେଶ ଦାସ, ଜଟଣୀ, ଖୋର୍ଦ୍ଧା*

* 'ଅଜବ ସ୍କୁଲ୍' ଶୀର୍ଷକ ପାଠଟି ସତରେ ଏକ ନିଆରା ଆଲେଖ୍ୟ ଥିଲା। ମଡେଲ ମିରର୍‌ରେ କଳ୍ପନା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲା। 'ଓ୍ୱିଣ୍ଟର ହନିମୁନ୍ ଡେଷ୍ଟିନେଶନ' ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ଜାଣି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ପ୍ରଥମେ ପୁରୁଷ ପିନ୍ଧୁଥିଲେ କାନଫୁଲ' ଶୀର୍ଷକ ପାଠଟି ଏକ ଭିନ୍ନ ରକମର ଆଲେଖ୍ୟ ଥିଲା।

*– ତମନ୍ନା ସେଠୀ, ବିଞ୍ଝାରପୁର, ଯାଜପୁର*

* ଏଥରର ବ୍ୟଙ୍ଗ 'ବୃତ୍ତି ବିସମ୍ବାଦ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ପୋର୍ଟସ୍ କାର୍‌ଠୁ ବି ଫାଷ୍ଟ ଏଇ ଟ୍ରାକ୍ଟର', 'କାଗଜ କାରିଗରୀ', 'ହିଟର ଥିବା ଜ୍ୟାକେଟ୍' ଆଦି ପାଠର ଉପସ୍ଥାପନା ଶୈଳୀ ଯେତିକି ନିଆରା ଲାଗୁଥିଲା ସେତିକି ଆଶ୍ଚର୍ଯ୍ୟକର ବି ଥିଲା।

*– ରାଜୀବ ସାହୁ, ସୋର, ବାଲେଶ୍ୱର*




## ବିଶେଷ ଚିଠି

କାଠ ବୋଲି ପ୍ରସିଦ୍ଧ
ଥିଲା ଏଥରର ପ୍ରଚ୍ଛଦ,
କରୁଥିଲା କିମିଆ ସିଏ
ମନେ ଭରୁଥିଲା ଆନନ୍ଦ।
ଶୀତରେ କରିବେ ଗ୍ଲୋ
ଜାଣିଲି ଲାଇଫ୍ ଷ୍ଟାଇଲରୁ,
ଶୀତରେ ବୁଲିବେ କେଉଁଠି
ଶିଖିଲି ସହରଠୁ ଦୂରରୁ।
ଏମିତି ଅନେକ କିଛି ଶିଖାଇଲ ମୋତେ
ସେଥିପାଇଁ ଛୁଟିଦିନ ତୁମକୁ ନମସ୍ତେ।

*– ସୁଧାଂଶୁ ଶେଖର ପତି, ରାଣୀହାଟ, କଟକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com




# ଗ୍ରୀଟିଂସ୍ କାର୍ଡ

## ଏକ ମିଠା ଅନୁଭବର ନାଁ...



**କେବେ ସେ ମିଳେ ବହି ଭିତରେ। ଆଉ କେବେ ଡାକବାଲା ଆସି ଦେଇଯାଏ। ନାଁ ଓ ଠିକଣା ଦେଖିଦେଲେ ସେଇ ପ୍ରିୟ ମଣିଷଟିର ମୁହଁ ଆଖି ଆଗରେ ନାଚି ଉଠେ। ଆଉ ତା'ର ରଙ୍ଗିନ ଲଫାପା ଖୋଲୁ ଖୋଲୁ ଓଠରେ ଆପେ ଚେନାଏ ହସ ବୋଲି ହୋଇଯାଏ। ସେ ହେଉଛି ଅଭିନନ୍ଦନ ପତ୍ର ବା ଗ୍ରୀଟିଂସ୍ କାର୍ଡ...**

କେବେ ସେ ମିଳେ ବହି ଭିତରେ। ଆଉ କେବେ ଡାକବାଲା ଘରକୁ ଆସି ଦେଇଯାଏ। ହାତରେ ଧରିବା ମାତ୍ରେ ମନ ଖୁସିରେ କୁରୁଳି ଉଠେ। ନାଁ ଓ ଠିକଣା ଦେଖିଦେଲେ ସେଇ ପ୍ରିୟ ମଣିଷଟିର ମୁହଁ ଆଖି ଆଗରେ ନାଚି ଉଠେ। ଆଉ ତା'ର ରଙ୍ଗିନ ଲଫାପା ଖୋଲୁ ଖୋଲୁ ଓଠରେ ଆପେ ଚେନାଏ ହସ ବୋଲି ହୋଇଯାଏ। ଅଭିନନ୍ଦନ ସହ ଅନ୍ତରର କଥା ଥାଏ ସେଥିରେ। ନାନା ଚିତ୍ର ବିଚିତ୍ରରେ ସଜ୍ଜିତ ସେଇ କାଗଜ ଖଣ୍ଡିକରେ ଭରି ରହିଥାଏ ସ୍ନେହ, ପ୍ରେମ ଓ ଆନ୍ତରିକତା। ଆଉ ତା'କୁ ଅପେକ୍ଷା କରନ୍ତି ସମସ୍ତେ, ସବୁ ବର୍ଷ। ସେ ହେଉଛି ଅଭିନନ୍ଦନ ପତ୍ର ବା ଗ୍ରୀଟିଂସ୍ କାର୍ଡ।

ଦିନ ଥିଲା ବର୍ଷ ସରି ଆସିବା ବେଳକୁ ଖୋଜା ପଡୁଥିଲା ଗ୍ରୀଟିଂସ୍ କାର୍ଡ। ଖୋଲୁଥିଲା ମାଳ ମାଳ ଗ୍ରୀଟିଂସ୍ ଦୋକାନ। ପ୍ରିୟ ମଣିଷର ମନକୁ ଛୁଇଁବା ଭଳି କାର୍ଡ ବାଛି ଶୁଭେଚ୍ଛା ବାର୍ତ୍ତା ସହ ଲେଖା ଯାଉଥିଲା କେତେ ସ୍ନେହବୋଳା କଥା। ତାକୁ ଦେବାରେ ଯେମିତି ଖୁସି ମିଳୁଥିଲା ପାଇବାରେ ବି ମିଳୁଥିଲା ସେମିତି ଖୁସି। ବର୍ଷ ବର୍ଷ ଧରି ସାଇତି ରଖାଯାଉଥିଲା ତାକୁ। ଫୁର୍‌ସତ୍‌ରେ ଯେବେ ତାକୁ ଖୋଲି ଦେଖା ଯାଉଥିଲା ସ୍ମୃତି ସବୁ ପୁଣିଥରେ କଡ଼ ଲେଉଟାଉଥିଲେ। ଉଦାସ ମନ ବି ପୁଲକିତ ହୋଇଯାଉଥିଲା। ହେଲେ ଆଧୁନିକତାର ଛାପରେ ଏବେ ହଜିବାକୁ ବସିଲାଣି ଏଇ ସୁନ୍ଦର ଧାରା। ଫୋନ୍ କଲ୍ ଓ ହ୍ୱାଟ୍ସଆପ୍ ମେସେଜ୍‌ରେ ସୀମିତ ହୋଇଗଲାଣି ନବବର୍ଷର ଶୁଭେଚ୍ଛା ବାର୍ତ୍ତା। ନା ସେଥିରେ ଅଛି ଆନ୍ତରିକତା ନା ସରସତା। କହିବାକୁଗଲେ ଯାନ୍ତ୍ରିକ ଦୁନିଆରେ ମଣିଷ ହୋଇଗଲାଣି ଯନ୍ତ୍ରବତ୍। ତେବେ ଅଭିନନ୍ଦନ ପତ୍ର ଦେବାନେବାର ସେଇ ମଧୁର ସ୍ମୃତିସବୁକୁ ମନେପକାଇ ତାକୁ ବଖାଣିଛନ୍ତି କେତେଜଣ ଗ୍ରୀଟିଂସ୍ ପ୍ରିୟ ମଣିଷ...

**ହାତତିଆରି ଅଭିନନ୍ଦନ ପତ୍ର ଦେବାରେ ଥିଲା ଅଲଗା ଖୁସି – ଅଶ୍ରୁମୋଚନ ମହାନ୍ତି, ଅଭିନେତା**

ନୂଆବର୍ଷର ମଜା ପିଲାଦିନେ ବେଶି ଥିଲା। ଯେତେ ଯେତେ ଦିନ ସରି ସରି ଯାଉଥିଲା ଓ ନୂଆବର୍ଷ ପାଖେଇ ଆସୁଥିଲା ମନ ଉଚ୍ଚାଟ ହେଇଯାଉଥିଲା। ସମସ୍ତେ ଗ୍ରୀଟିଂସ୍ ଦିଆନିଆ ହେଉଥିବା ଦେଖି ମୋ ମନ ବି ଉଚ୍ଛନ ହେଉଥିଲା ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ଲେଖି ସାଙ୍ଗସାଥୀଙ୍କୁ ଗ୍ରୀଟିଂସ୍ ଦେବାକୁ। ହେଲେ ଦୋକାନକୁ ଯାଇ ଗ୍ରୀଟିଂସ୍‌ର ଦାମ୍ ଦେଖିଲେ ଭାବେ ମୋ ପାଖରେ ତ ଟଙ୍କା ନାହିଁ ସବୁ ସାଙ୍ଗସାଥୀଙ୍କୁ ଗ୍ରୀଟିଂସ୍ କିଣିକି ଦେବା ପାଇଁ। ଶେଷରେ ନିଜେ ହାତରେ ଗ୍ରୀଟିଂସ୍ ତିଆରି କରିବାକୁ ନିଷ୍ପତ୍ତି ନେଉଥିଲି। ଡ୍ରଇଂ ପେପର୍ ଆଣି ତାକୁ ବିଭିନ୍ନ ଆକାରରେ କାଟି, ତା'ଉପରେ ସୁଖିଲା ଘାସ, କାଶତଣ୍ଡୀ ଫୁଲକୁ ଭାତ ଅଠା କିମ୍ବା ଗଛ ଛାଲିରୁ ମିଳୁଥିବା ଅଠାକୁ ଲଗେଇ, ରଙ୍ଗ ଦେଇ, ପାହାଡ଼, ସୂର୍ଯ୍ୟୋଦୟର ଚିତ୍ର କରି ସେଥିରେ ନୂଆବର୍ଷର ଅଭିନନ୍ଦନ ଲେଖି ଗ୍ରୀଟିଂସ୍ ତିଆରି କରୁଥିଲି। କେତେବେଳେ ପୁଣି ମଣିଷର ଚିତ୍ର କରି ତା' ଦେହ ସାରା ନୂଆବର୍ଷ ଲେଖି ତିଆରି କରୁଥିଲି। ଏଇ ହାତତିଆରି କାର୍ଡ ଦେବାରେ ବହୁତ ଖୁସି ମିଳୁଥିଲା। କାରଣ ସେଥିରେ ଥିଲା ଭିନ୍ନତା ସହ ଅନ୍ତରର ଭଲ ପାଇବା। ପୁଣି ସାଙ୍ଗ ପାଖରୁ ହାତତିଆରି କାର୍ଡ ମିଳିଗଲେ ସେଥିରୁ ଯେଉଁ ଖୁସି ମିଳୁଥିଲା ତାକୁ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ମୋ ହାତ ତିଆରି କାର୍ଡ ମୋ ସାଙ୍ଗମାନଙ୍କୁ ଏତେ ଭଲ ଲାଗୁଥିଲା ଯେ, କେହି କେହି ମତେ ଅର୍ଡର ଦେଉଥିଲେ ତାଙ୍କ ପାଇଁ କାର୍ଡ ତିଆରି କରିବାକୁ। ମୁଁ ମୋ ପାଇଁ କାର୍ଡ ତିଆରି କରିବା ସହ ସେମାନଙ୍କ ପାଇଁ ବି ତିଆରି କରୁଥିଲି। ଭାଇ, ଭାଉଜଙ୍କ ସହ ସାଙ୍ଗସାଥୀଙ୍କୁ ମୁଁ ନୂଆବର୍ଷରେ ଗ୍ରୀଟିଂସ୍ କାର୍ଡ ଦେଉଥିଲି। ଏଇ ନିଆରା ଅନୁଭୂତି କିନ୍ତୁ ମୋ ପିଲାମାନେ ପାଇ ପାରି ନାହାନ୍ତି। ଆଗରୁ ନୂଆବର୍ଷର ସ୍ୱାଗତ ପାଇଁ ମନରେ ଯେଉଁ ଆଗ୍ରହ ଥିଲା, ଖୁସିର ଯେଉଁ ପରିବେଶ ଚାରିଆଡ଼େ ଖେଳି ଯାଉଥିଲା ତାହା ଏବେ ଆଉ ନାହିଁ। ହୋଲି, ଦୀପାବଳିରେ ଯେମିତି ରଙ୍ଗ ଓ ବାଣର ଦୋକାନ ଖୋଲେ, ଆଗରୁ ଗଳି କନ୍ଦିରେ ସେମିତି ଗ୍ରୀଟିଂସ୍ କାର୍ଡ ଦୋକାନ ଖୋଲାଯାଉଥିଲା। ହେଲେ ଏବେ ତ କାଁ ଭାଁ କେଉଁଠି ଗ୍ରୀଟିଂସ୍ କାର୍ଡ ମିଳୁଛି। ଆଧୁନିକ ଯୁଗରେ ମୋବାଇଲରେ କଲ୍ କରି ହ୍ୱାଟ୍ସଆପ୍‌ରେ ମେସେଜ୍ ପଠାଇ ନୂଆବର୍ଷର ଅଭିନନ୍ଦନ ଜଣାଇ ଦେଉଛନ୍ତି। ଯେଉଁଥିରେ ରହୁନି ଆନ୍ତରିକତା। କେବଳ ଶୁଖିଲା ଅଭିନନ୍ଦନ। ନୂଆବର୍ଷ ଆଉ ନୂଆବର୍ଷ ପରି ଲାଗୁନି।

**ଗ୍ରୀଟିଂସ୍ ମୋ ପାଇଁ ସାଇତା ସ୍ମୃତି– ଭାସ୍ୱତୀ ବସୁ, ଅଭିନେତ୍ରୀ**

ମୁଁ ଛୋଟ ଥିଲାବେଳେ ନୂଆବର୍ଷ ମାନେ ଗ୍ରୀଟିଂସ୍ କାର୍ଡକୁ ହିଁ ବୁଝାଉଥିଲା। ବର୍ଷ ସରି ଆସିବା ବେଳକୁ ଖୋଲି ଯାଉଥିଲା ମାଳ ମାଳ ଗ୍ରୀଟିଂସ୍ ଦୋକାନ। ସେଗୁଡିକର ଦାମ୍ ବି ବେଶି କିଛି ଅଧିକ ନ ଥିଲା। ହେଲେ ପାଖରେ ଟଙ୍କା ନ ଥିଲା ଏତେ ସାଙ୍ଗସାଥୀଙ୍କ ପାଇଁ କିଣିକି ଗ୍ରୀଟିଂସ୍ ଦେବାକୁ। ତେଣୁ ନିଜ ହାତରେ ଗ୍ରୀଟିଂସ୍ କାର୍ଡ ତିଆରି କରୁଥିଲି। ଘରେ ବାବୁଜୀ, ଦିଦି ଉଭୟେ କଳାକାର ଥିଲେ। ତେଣୁ ଚିତ୍ର କରିବାର ସବୁ ସାମଗ୍ରୀ ଘରେ ଆରାମରେ ମିଳି ଯାଉଥିଲା। ଭଉଣୀ ନୂଆ ନୂଆ ଆଇଡିଆ ଦେଉଥିଲେ କାର୍ଡ ତିଆରି କରିବାକୁ। ଡିସେମ୍ବର ଆରମ୍ଭରୁ କାର୍ଡ ତିଆରି କାମ ଆରମ୍ଭ ହେଉଥିଲା। ଚାଉଳ, ଡାଲି, ଧାନ ଭଳି ବିଭିନ୍ନ ପ୍ରକାର ଜିନିଷରେ କାର୍ଡ ତିଆରି କରୁଥିଲି। ମୋ କାର୍ଡ ସବୁଠୁ ଭିନ୍ନ ହେବା ସହ ସାଙ୍ଗକୁ ନଜରରେ ରଖି କେଇ ଧାଡି ଅନ୍ତରର କଥା ବି ସେଥିରେ ଲେଖୁଥିଲି। ଆଉ ତାକୁ କେବେ ସାଙ୍ଗର ବହି ଭିତରେ ଲୁଚେଇ ରଖି ଦେଉଥିଲି ତ କେବେ ଅନ୍ୟ ହାତରେ ଦେଉଥିଲି। ମୋ ସାଙ୍ଗମାନେ ବି ମୋତେ ତାଙ୍କ ହାତତିଆରି କାର୍ଡ ଦେଉଥିଲେ। ସେତେବେଳେ କୋଉ ସାଙ୍ଗ କେତେ ଦିନ କାର୍ଡକୁ ସାଇତି ରଖୁଥିଲେ ତା'ର

→








ଏକ ପ୍ରତିଯୋଗିତା ବି ହେଉଥିଲା । ମୁଁ ତ ଚେକ୍ କରିବା ପାଇଁ ସାଙ୍ଗ ଘରକୁ ପଳଉଥିଲି । ଯଦି ମୋ କାର୍ଡ ସାଇତି ରଖା ଯାଇ ନ ଥାଏ ତେବେ ରାଗୁଥିଲି, ଅଭିମାନ ବି କରୁଥିଲି । ହେଲେ ସେଥିରୁ ମିଳୁଥିଲା ଅଲଗା ଖୁସି । ଖାଲି ନୂଆବର୍ଷ ନୁହେଁ ମୁଁ ଖ୍ରୀଷ୍ଟମାସ, ରଥଯାତ୍ରା ଭଳି ବିଭିନ୍ନ ପର୍ବ ପର୍ବାଣିରେ ବି କାର୍ଡ ତିଆରି କରୁଥିଲି । ସ୍କୁଲରେ ପଢିବାବେଳେ ଏମିତି ବି ହୋଇଛି ମୋତେ ପସନ୍ଦ କରୁଥିବା କିଛି ପୁଅ ସିଧାସଳଖ କାର୍ଡ ଦେବାକୁ ସାହସ ନ କରି ପାରି ସାଇକେଲରେ ଆସି କାର୍ଡ ଫୋପାଡି ଦେଇ ଯାଇଛନ୍ତି । ଖାଲି ସେତିକି ନୁହେଁ ନାଁ, ଠିକଣା ନ ଥିବା ଗ୍ରିଟିଂସ୍ କାର୍ଡ ବି ଆସୁଥିଲା । ତାକୁ ଘର ଲୋକଙ୍କଠୁ ଲୁଚେଇକି ବହି ଖାତା ଭିତରେ ରଖୁଥିଲି । ଚିରିବାକୁ ହାତ ଯାଉ ନ ଥିଲା । ଧରାପଡିଲେ ଚିରା ହେଉଥିଲା । ସ୍କୁଲ ପଢା ସରିବା ପରେ କାର୍ଡ ତିଆରି କରିବା ଯେମିତି ବନ୍ଦ ହୋଇଗଲା । ହେଲେ ଗ୍ରିଟିଂସ୍ ଦୋକାନକୁ ଯାଇ ହୃଦୟକୁ ଛୁଇଁବା ଭଳି କାର୍ଡ ବାଛୁଥିଲି । ମୋ ମନର କଥାକୁ ଦେବା ଲୋକ ପାଖକୁ ପହଞ୍ଚାଇ ହେବାଭଳି ଲେଖା ଥିବା କାର୍ଡ ବହୁ କଷ୍ଟରେ ଖୋଜୁଥିଲି । ତେବେ ମୋ ଜୀବନରେ ଘଟିଥିବା ଗୋଟିଏ ଘଟଣା କାର୍ଡ ଦେବାର ଇଚ୍ଛାକୁ ମୋର ସବୁଦିନ ପାଇଁ ମାରି ଦେଇଥିଲା । ମୋର ଗୋଟେ ବହୁତ ଭଲ ସାଙ୍ଗ ଥିଲା । ଥରେ ନୂଆବର୍ଷ ଦିନ ମୁଁ ତା’ କାର୍ଡକୁ ଅପେକ୍ଷା କରିଥାଏ । ହେଲେ ସେଦିନ ସକାଳୁ ସକାଳୁ ଆସିଲା ତା’ର ଆତ୍ମହତ୍ୟା ଖବର । ଏଇ ଖବର ପାଇବାର କିଛି ସମୟ ପରେ ପୁଣି ଆସିଲା ସେ ପଠାଇଥିବା ଗ୍ରିଟିଂସ୍ କାର୍ଡ । ସେଦିନ ବହୁତ ଦୁଃଖ ଲାଗିଥିଲା । ନିଜକୁ ଦୋଷୀ ଦୋଷୀ ଲାଗିଲା । ଭାବିଲି ତା’ର ଦୁଃଖ ସମୟରେ ଯଦି ମୁଁ ତା’ ସାଥିରେ ଥାଆନ୍ତି ହୁଏତ ଏଭଳି ଘଟି ନ ଥାଆନ୍ତା । ଯଦି ସେଇ ଗ୍ରିଟିଂସ୍‌ଟି ଦିନକ ପୂର୍ବରୁ ଆସିଥା’ନ୍ତା ମୁଁ ହୁଏତ ଫୋନ କରି କଥା ହୋଇଥା’ନ୍ତି । ଆଉ କଥାରେ କଥାରେ ତା’ ମନ କଥା ଜାଣିପାରି ତାକୁ ବୁଝାଇପାରି ଥା’ନ୍ତି । ଏତେ ଭଲ ସାଙ୍ଗକୁ ହରାଇବା ପରେ କାହାକୁ ଗ୍ରିଟିଂସ୍ ଦେବାକୁ ଆଉ ମନ ହେଲାନି । କାର୍ଡ ଦେବା ପ୍ରାୟ ବନ୍ଦ ହୋଇଗଲା । ତେବେ ଏହା ମଧ୍ୟରେ ମୁଁ ମୋ ମନର ମଣିଷ ପାଇଲି । ସେତେବେଳେ ତ କାର୍ଡ ଦେବା ନେବା ପ୍ରାୟ ବନ୍ଦ ହୋଇଯାଇଥିଲା । ଫୋନରେ କଥାବାର୍ତ୍ତା ସହ ଦେଖା ସାକ୍ଷାତ୍ ହେଇପାରୁଥିବାରୁ ଗ୍ରିଟିଂସ୍ କାର୍ଡର ଆବଶ୍ୟକତା ଏତେ ପଡି ନ ଥିଲା । ତଥାପି ମୋ ପ୍ରେମିକ ତଥା ମୋ ସ୍ୱାମୀ ଦେଇଥିବା କିଛି କାର୍ଡ ଓ ଛୋଟ ଛୋଟ ଉପହାର ଏବେବି ମୁଁ ସାଇତି ରଖିଛି । ଖାଲି ତାଙ୍କର ନୁହେଁ ମୁଁ ସାଙ୍ଗସାଥୀଙ୍କଠୁ ପାଇଥିବା ପ୍ରାୟ ସବୁ ଗ୍ରିଟିଂସ୍‌କୁ ମୁଁ ଆଜିଯାଏ ସାଇତି ରଖିଛି । ସେଗୁଡିକ ହେଉଛି ମୋର ସାଇତା ସ୍ମୃତିସବୁ । ସେଗୁଡିକୁ ଯେବେ ଫୁର୍‌ସତ୍‌ରେ ଖୋଲି ଦେଖେ ପୁରୁଣା ସ୍ମୃତି ସବୁ ତାଜା ହୋଇଯାଏ । ହେଲେ ଏବେ ତ ହ୍ୱାଟ୍‌ସ ଆପ୍ ଓ ଫୋନ୍ କଲ୍‌ରେ ନୂଆବର୍ଷର ଶୁଭେଚ୍ଛା ଦିଆଯାଉଛି । ନୂଆବର୍ଷ ସକାଳୁ ସକାଳୁ ଫୋନ୍‌ର ଇନ୍‌ବକ୍ସ ଭର୍ତ୍ତି ହୋଇଯାଉଛି ଶୁଭେଚ୍ଛା ବାର୍ତ୍ତାରେ । ମୋତେ ଅନେକ ସମୟରେ ତ ବିରକ୍ତ ଲାଗେ ସେଇ ଶୃଙ୍ଖଳା ବାର୍ତ୍ତା ଆସୁଥିବାବେଳର ନୋଟିଫିକେଶନ୍ ସାଉଣ୍ଡ ଶୁଣି । ସେଗୁଡିକ ଆସିବା ଯେମିତି ସହଜ ତାକୁ କାଟିବା ବି ସେମିତି ସହଜ । ହେଲେ କେବେ ବି ହାତ ଯାଏନା କୌଣସି ଗ୍ରିଟିଂସ୍ କାର୍ଡକୁ ଚିରିବା ପାଇଁ । କାରଣ ସେଥିରେ ଥାଏ ପଠେଇଥିବା ବ୍ୟକ୍ତିର ଆନ୍ତରିକ ଭଲ ପାଇବା । ହେଲେ ଏଇ ଅନୁଭୂତିକୁ ଆଜିକାଲିର ପିଲା କ’ଣ ଅନୁଭବି ପାରିବେ । ମୁଁ ତ ଚାହେଁ ମୋ ଝିଅ ବି ମୋ ପରି କାର୍ଡ ତିଆରି କରୁ ଓ ସାଙ୍ଗସାଥୀଙ୍କୁ ଦେଉ । ସେଥିପାଇଁ ମୁଁ ତାକୁ ସବୁବେଳେ ପ୍ରୋତ୍ସାହିତ ବି କରେ ।



**ଅନେକ ସ୍ମୃତି ଥାଏ ଗ୍ରିଟିଂସରେ– ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ**

ପିଲାଦିନେ ଗ୍ରିଟିଂସ କାର୍ଡର ଏତେଟା ପ୍ରଚଳନ ନ ଥିଲା । ନୂଆବର୍ଷରେ ଆମେ ଦେଖାହୋଇ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଉଥିଲୁ ଅବା ଦୂର ବନ୍ଧୁକୁ ମନର ଭାବ ସହ ଶୁଭେଚ୍ଛାକୁ ଚିଠିରେ ଲେଖି ପଠାଉଥିଲୁ । ଅନେକ ସମୟରେ ହାତରେ କାର୍ଡ ତିଆରି କରି ସାଙ୍ଗର ମନକୁ ଛୁଇଁବା ଭଳି କିଛି ଲେଖି ଅବା ଚିତ୍ର କରି ଦେଉଥିଲୁ । ସେଥିରେ ଯେଉଁ ଖୁସି ମିଳୁଥିଲା ତାକୁ ଭାଷାରେ ବ୍ୟକ୍ତ କରି ହେବନି । କଲେଜ ପଢିବାବେଳେ ଗ୍ରିଟିଂସ୍‌ର ପ୍ରଚଳନ ଆରମ୍ଭ ହୋଇଯାଇଥାଏ । ଆଉ କାର୍ଡର ପ୍ରଚଳନ ସହ ମତେ ଲାଗୁଥିଲା ସତେ ଯେମିତି ସମସ୍ତେ ଲେଖିବା ଭୁଲିଗଲେ । କାର୍ଡରେ ଅନ୍ୟ କେହି ଲେଖିଥିବା କଥାକୁ ନିଜର କହି ଦେବା ନେବା ଚାଲିଲା । ଏବେ ଫୋନ୍‌ରେ ମେସେଜ୍ ଜରିଆରେ ଦୁଇ ଧାଡି ଲେଖି ଶୁଭେଚ୍ଛା ଜଣେଇ ଦେଉଛନ୍ତି । ସେ ଦୁଇ ଧାଡି ବି ଅନେକ ସମୟରେ ନିଜର ହୋଇ ନ ଥାଏ । ନୂଆବର୍ଷ ପାଇଁ ଆଗୁଆ ଡିଜାଇନ୍ ହୋଇଥିବା ସମାନ ଶୁଭେଚ୍ଛାକୁ ଭିନ୍ନ ଭିନ୍ନ ଲୋକ ପଠାଇଥାନ୍ତି । ସେଥିରେ ଆତ୍ମୀୟତାର ବାସ୍ନା ଦୂର ଦୂର ପର୍ଯ୍ୟନ୍ତ ନ ଥାଏ । ହେଲେ ଯେବେ ମୁଁ ଏକ ଖାସ୍ ସମ୍ପର୍କରେ ଆସିଥିଲି ଅର୍ଥାତ୍ ମନର ମଣିଷ ପାଇଲି କାର୍ଡ ଦେବାନେବା ଆମର ବରାବର ଚାଲିଲା । ଆମ ପାଇଁ କାର୍ଡ ଦେବାର କୌଣସି ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ନ ଥିଲା । ରାଗ, ରୁଷା, ଅଭିମାନ ବେଳେ ମନାଇବା ଲାଗି ବି କାର୍ଡ ଦିଆନିଆ ହେଉଥିଲୁ । ଆଉ ସେଥିରେ ଆମେ ଲେଖୁଥିଲୁ ନିଜ ହୃଦୟର କଥା । ସେଇ ସବୁ କାର୍ଡକୁ ବାହାଘର ପରେ ଆମେ ଦୁହେଁ ଯେବେ ବି ବାହାର କରି ଦେଖୁ ପୁରୁଣା କଥା ସବୁ ମନେ ପଡିଯାଏ । ଆମେ କେମିତି କାର୍ଡ କିଣୁଥିଲୁ, କାହା ହାତରେ ଯେମିତି ତାହା ନ ପଡୁ ସେଥିପାଇଁ କିଭଳି ସତର୍କ ରହୁଥିଲୁ । ସାଙ୍ଗମାନେ ଜାଣିଗଲେ କେମିତି ଥଟାମଜା ହେଉଥିଲା, ସେସବୁ ଆଖିଆଗରେ ନାଚି ଉଠେ । ଆଉ ମନ ଖୁସିରେ ଭରିଯାଏ ।



ଅଶ୍ରୁମୋଚନ ମହାନ୍ତି



ଭାସ୍ୱତୀ ବସୁ



ଅରୁଣା ମହାନ୍ତି



ଶୁଭସ୍ମିତା ମହାନ୍ତି

**ଗ୍ରିଟିଂସ୍‌ରେ ରହୁଥିଲା ଆନ୍ତରିକତା– ଶୁଭସ୍ମିତା ମହାନ୍ତି, ଶିକ୍ଷୟିତ୍ରୀ**

ଛୋଟବେଳରୁ ହିଁ ମୋର ଗ୍ରିଟିଂସ୍ ପ୍ରତି ଅହେତୁକ ଦୁର୍ବଳତା ଥିଲା । ଆଉ ଏବେ ବି ଅଛି । ସ୍କୁଲରେ ପଢିଲା ବେଳେ ବଉଳ, ମକର, ଗୋଲାପ, ମିତ ବସୁଥିଲୁ ଏବଂ ଗ୍ରିଟିଂସ୍ ଦିଆନିଆ ହେଉଥିଲା । କଲେଜରେ ପଢିଲା ବେଳେ ବି ସାଙ୍ଗମାନେ ଗ୍ରିଟିଂସ୍ ପଠାଉଥିଲେ, ଯାହାକୁ ମୁଁ ଖୁବ୍ ଆତୁରତାର ସହ ଅପେକ୍ଷା କରୁଥିଲି । ଶିକ୍ଷୟିତ୍ରୀ ହେଲା ପରେ ଛାତ୍ରୀଛାତ୍ରମାନେ ଗ୍ରିଟିଂସ୍ ଦିଅନ୍ତି । ବହୁତ ଖୁସି ଲାଗେ । ତେବେ ଯୁଗ ବଦଳିବା ସହ ଆଜିକାଲି ଏହାର ଚାହିଦା ଆଉ ଆଗ ପରି ନାହିଁ । ହେଲେ ମୋ ଜୀବନରେ କିନ୍ତୁ ଗ୍ରିଟିଂସ୍‌ର ମହତ୍ତ୍ୱ ଓ ମହକ ଆଜି ବି ସେହିପରି ରହିଛି । ସେତେବେଳେ ଡାକବାଲା ଆସୁଥିଲା ନଈ ସେପାରି ଗାଁରୁ । ତା’ ଆସିବା ବାଟକୁ ଚାତକ ପରି ଚାହିଁ ରହୁଥିଲି, ଗ୍ରିଟିଂସ ପାଇବା ପରେ ଯେଉଁ ଖୁସି ତାକୁ ଶବ୍ଦରେ ବର୍ଣ୍ଣନା କରି ହେବନି । ମୋ ସାନଦାଦା ଓ ମୋ ସାଙ୍ଗ ଇତି ପଠାଇ ଥିବା ଗ୍ରିଟିଂସ୍‌କୁ ମୁଁ ଆଜି ବି ସାଇତି ରଖିଛି । ସେଥିରେ ଥିଲା ମୁଠା ମୁଠା ମମତା, ଅନାବିଳ ବନ୍ଧୁତ୍ୱ, ସ୍ନେହ, ସମ୍ପର୍କର କଥା । ଗ୍ରିଟିଂସ୍‌ର ଉଷ୍ମ ବାତାବରଣ ପ୍ରାୟ ଜାନୁଆରୀ ମାସ ସାରା ରହୁଥିଲା । ଆଜିକାଲି ନୂଆବର୍ଷକୁ ପାଳନ କରିବା ପାଇଁ ଅନେକ ମାଧ୍ୟମ ଆସିଗଲାଣି । ହେଲେ ସେଥିରେ ନ ଥାଏ ଆନ୍ତରିକତା । ଗ୍ରିଟିଂସ୍‌ରେ ଯେଉଁ ଶ୍ୟାମଳ ବର୍ଣ୍ଣ ବିଭା ଥିଲା ତାହା ଆଜି କାହାଣୀ ପାଲଟି ଯାଇଛି । ଆଗରୁ ନୂଆବର୍ଷକୁ ସ୍ୱାଗତ ଜଣାଇବା ପାଇଁ କେତେ ପ୍ରକାରର ଗୀତ ଲେଖା ଯାଉଥିଲା ଗ୍ରିଟିଂସ୍‌ରେ, ପୁଣି କେହି ପ୍ରେମୀଯୁଗଳ ଏଇ ଗ୍ରିଟିଂସ୍ ମାଧ୍ୟମରେ ହିଁ ହୃଦୟର ଭାଷାକୁ ପରିପ୍ରକାଶ କରୁଥିଲେ । ସେଥିରେ ଯେଉଁ ଆତ୍ମୀୟତା, ଯେଉଁ ମାଦକତା ରହୁଥିଲା, ତାହା ହ୍ୱାଟ୍ସ ଆପ୍ ବା ଫୋନ୍ କଲ୍‌ରେ କାହିଁ? କୁନି କୁନି ପିଲାମାନେ ଗ୍ରିଟିଂସ୍ ଦିଆନିଆ ହେବାବେଳେ ସେଥିରେ ଲେଖୁଥିଲେ– ‘ମଥାରେ ତୋହର ଟିପି ଚନ୍ଦନ, ନୂଆ ବରଷରେ ସାଙ୍ଗକୁ ମୋହର ଅଭିନନ୍ଦନ’ ପରି ଅନେକ ଢଗଢମାଳି । ଏଇ ଗ୍ରିଟିଂସ୍ ସବୁକୁ ଯେବେ ବି ଖୋଲି ପଢେ ଆହୁରି ପଢିବାକୁ ଇଚ୍ଛା ହୁଏ, ଆଖିରେ ଆନନ୍ଦର ଲୁହ ଆସି ଯାଏ ।

ସତରେ ହାତ ଲେଖା ସେଇ ଅଭିନନ୍ଦନ ପତ୍ରର ସ୍ଥାନ କେହି ନେଇପାରିବେ ନାହିଁ । ସେ ସ୍ମୃତିର ବାକ୍ସରେ ସାଇତା ଅମୂଲ୍ୟ ସମ୍ପଦ, ଯାହାର କୌଣସି ତୁଳନା ନାହିଁ ।

**–ଶିବାନୀ ମହାନ୍ତି**


ରଞ୍ଜନ-ସ୍ମୃତି

# ତୁ ଖରା ମୁଁ ଛାଇ

ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ନୂଆବର୍ଷ ଅବସରରେ ମନୋରଞ୍ଜନର ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି ଆଉ ଏକ ମେଗା ଧାରାବାହିକ। ଏହାର ଟାଇଟଲ ରହିଛି 'ତୁ ଖରା ମୁଁ ଛାଇ'। ଓଡ଼ିଆ ଘରର କାହାଣୀକୁ ନେଇ ପ୍ରସାରିତ ହେବାକୁ ଯାଉଥିବା ଏହି ଧାରାବାହିକଟିର ପ୍ରମୁଖ ଚରିତ୍ର ହେଉଛି ମାନିନୀ। ତାକୁ ନେଇ କାହାଣୀ ଆଗକୁ ଗତି କରିଛି। ମାନିନୀ ଏମିତି ଏକ ଝିଅ, ସିଏ ଯୁଆଡେ ଯାଏ କିଛି ନା କିଛି ବିଗାଡି ଦିଏ। ହେଲେ ନାୟକ ଅଭିମନ୍ୟୁଙ୍କୁ ସବୁକିଛି ପରଫେକ୍ଟ ଦରକାର। ଏମିତି ଦୁଇ ଚରିତ୍ର- ଜଣେ ପରଫେକ୍ସନିଷ୍ଟ ଆଉ ଜଣେ ଖାମଖିଆଲକୁ ଏହି ଧାରାବାହିକାରେ ଦେଖିବାକୁ ମିଳିବ। ହେଲେ ଏମାନଙ୍କ ଯୋଡି ବନିବ ତ ? ଯଦି ଦୁଇ ଜଣଙ୍କ ସମ୍ପର୍କ ଯୋଡି ହୁଏ ତେବେ କେତେଦୂର ଚିରସ୍ଥାୟୀ ହେବ ? ମାନିନୀ କ'ଣ ଏତେ କମ ବୟସର ଶାଶୁ ହୋଇ ତିନିଟି ବୋହୂଙ୍କୁ ନେଇ ପରିବାର ସମ୍ଭାଳିବ ପାରିବ ? ଏହାକୁ ନେଇ 'ତୁ ଖରା ମୁଁ ଛାଇ' କାହାଣୀ ଗତି କରିଛି। ଓଡ଼ିଆ ଧାରାବାହିକ ଇତିହାସରେ ପ୍ରଥମ ଥର ପାଇଁ ଏପରି ଏକ ନିଆରା କାହାଣୀକୁ ନେଇ ନିର୍ମିତ ଏହି ଧାରାବାହିକଟି ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ମୁଖ୍ୟ ଚରିତ୍ର ମାନିନୀ ଭୂମିକାରେ ସ୍ମୃତି ଓ ଅଭିମନ୍ୟୁ ଜୟଶଙ୍କର ଭୂମିକାରେ ରଞ୍ଜନ ପଣ୍ଡା ଅଭିନୟ କରିଛନ୍ତି। ଏହି ଧାରାବାହିକଟି ଚଳିତ ମାସ ୨ରୁ (ସୋମବାରରୁ ଶନିବାର) ରାତି ୮.୩୦ ରେ ପ୍ରସାରିତ ହେବ।

# ଅବସର ମିଳିଲେ...

ଅବସର ମିଳିଲେ ବାଣୀ କପୁର କ'ଣ କରନ୍ତି ? ତାଙ୍କୁ ଯେତେବେଳେ ସମୟ ମିଳେ ସେ ମନ ପସନ୍ଦର ବହି ପଢ଼ିବାକୁ ବସି ଯାଆନ୍ତି। କେବଳ ସେତିକି ନୁହେଁ, ଦର୍ଶନୀୟ ସ୍ଥାନ ବୁଲିବାକୁ ମଧ୍ୟ ଯାଇଥାଆନ୍ତି। ଗୋଟିଏ କଥା-ଯେତେବେଳେ ସେ ବାହାରକୁ ଯାଆନ୍ତି, ସାଙ୍ଗରେ ବିଭିନ୍ନ ଭେରାଇଟିର ଚକୋଲେଟ୍ ନେଇଥାଆନ୍ତି। ଏ ନେଇ ବାଣୀ କହନ୍ତି, 'ମୁଁ ଘରେ ଏକ ମିନି ଲାଇବ୍ରେରି କରିଛି। ସେଠାରେ ମୋ ମନ ପସନ୍ଦର ବହି ସବୁ ରଖିଛି। ଯେତେବେଳେ ବାହାରକୁ ଯାଏ ନାମୀ ଲେଖକଙ୍କ ବହି କିଣିବାକୁ ଭୁଲି ନ ଥାଏ। ସମୟ ମିଳିଲେ ସେଗୁଡିକୁ ପଢ଼େ। ସବୁଠାରୁ ଖାସ୍ କଥା ହେଲା, ପିଲାଟି ଦିନରୁ ଗୋଟିଏ ଜିନିଷ ପ୍ରତି ମୋର ଦୁର୍ବଳତା ରହିଛି। ତାହା କ'ଣ ଜାଣନ୍ତି ? ଚକୋଲେଟ୍। ଯୁଆଡେ ବି ଗଲେ ମୁଁ ସାଙ୍ଗରେ ବିଭିନ୍ନ ଭେରାଇଟିର ଚକୋଲେଟ୍ ନେଇଥାଏ। ଏପରି କି ସାଙ୍ଗମାନଙ୍କୁ ଚକୋଲେଟ୍ ଗିଫ୍ଟ ଆକାରରେ ଦେଇଥାଏ। ଚଳିତ ବର୍ଷ ବାଣୀଙ୍କ ଅଭିନୀତ 'ସମଶେରା' ପରଦା ଉପରକୁ ଆସିଥିଲା। ଏବେ ତାଙ୍କ ହାତରେ ଦୁଇଟି ନୂଆ ଅଫର ରହିଛି, ହେଲେ ଏ ନେଇ ସେ କିଛି ନିଷ୍ପତ୍ତି ନେଇ ନାହାନ୍ତି।


ବାଣୀ


# ଦୋଛକିରେ ସୋନାକ୍ଷୀ

ସୋନାକ୍ଷୀ ସିହ୍ନା ଏପରି ସ୍ଥିତିରେ ପଡିଛନ୍ତି ଯେ କଥାଟି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା ପରି ହୋଇଛି। ନିକଟରେ ସେ ସାଇନ୍ କରିଥିବା ଏକ ଅନଟାଇଟଲଡ୍ ଫିଲ୍ମ ପାଇଁ ସେ ଟେନ୍ସନ୍‌ରେ ଅଛନ୍ତି। ଏଥିରେ ତାଙ୍କୁ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ, ଯାହାକୁ ନେଇ ଦୋଛକିରେ ପଡିଛନ୍ତି ଏହି ଦବଙ୍ଗ ଗର୍ଲ। ଏ ନେଇ ସୋନାକ୍ଷୀ କହନ୍ତି, 'ଯେତେବେଳେ ମୁଁ ଫିଲ୍ମଟି ସାଇନ୍ କରିଥିଲି ସେତେବେଳେ କାହାଣୀ ଗୋଟିଏ ପ୍ରକାର ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏଥିରେ କିଛି ପରିବର୍ତ୍ତନ କରାଯାଇ କେତୋଟି ବୋଲ୍ଡ ଶଟ୍‌କୁ ଯୋଡା ଯାଇଛି। ହେଲେ ଏହାର ସଂଯୋଗ କାହାଣୀ ସହ ରହିଛି। ହଠାତ୍ ଏଭଳି ଶଟ୍‌କୁ ମୁଁ ସହଜରେ ଗ୍ରହଣ କରିପାରୁନାହିଁ। ଅନ୍ୟପକ୍ଷରେ ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି କ୍ଷମତା ରହିଛି। ସାମାନ୍ୟ ଘଟଣା ପାଇଁ ଗୋଟିଏ ପରିବାର କିପରି ଛାରଖାର ହୋଇଯାଉଛି ଆଉ ସେହି ପରିବାରର ଜଣେ ଝିଅ କିପରି ସବୁ ଘଟଣାର ପର୍ଦ୍ଦାଫାସ କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ତେବେ ଏଭଳି ଶଟ୍ ନେଇ କି ନିଷ୍ପତ୍ତି ନେବି ସେଥିଲାଗି ମୁଁ ୧୦-୧୫ଦିନ ସମୟ ନେଇଛି।' ଚଳିତ ବର୍ଷ ସୋନାକ୍ଷୀଙ୍କ ଅଭିନୀତ ମାତ୍ର ଗୋଟିଏ ସିନେମା 'ଡବଲ ଏକ୍ସଏଲ' ରିଲିଜ ହୋଇଥିଲା। ହେଲେ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ କରିବାରେ ବିଫଳ ହୋଇଥିଲା।


ସୋନାକ୍ଷୀ



# ପ୍ରାଚୁର୍ଯ୍ୟର କଳା: ସସ୍ମିତା କମିଳା





**କ**ଳା ତାଙ୍କ ପ୍ରାଣ ପ୍ରାଚୁର୍ଯ୍ୟର ପ୍ରତିଫଳନ । ତାହା ପୁଣି ବହୁମୁଖୀ, ବହୁପ୍ରସ୍ଥି । କଳାର ବ୍ୟବହାରକୁ ଦୈନନ୍ଦିନ ଜୀବନ ସ୍ତରକୁ ନେଇ ଆସିବା ତାଙ୍କର ଏକ ବିଶେଷ ସ୍ୱପ୍ନ । କଳା ଜୀବନର ଅନ୍ତର୍ଜଗତ ନିଃସୃତ ଅମୃତ । ହଳାହଳମୟ ଜୀବନରେ କଳା ସାଧାରଣ ମଣିଷକୁ ଆଶ୍ୱାସନା ଦିଏ, ଆନନ୍ଦ ମୁଖର କରେ । ସୁତରାଂ କଳାକୁ ବ୍ୟବହାରିକ ଏବଂ ସମସାମୟିକ କରି ସାଧାରଣ ଜୀବନର ଏକ ଅଂଶ କରେଇ ପାରୁଥିବା ଏହି ପ୍ରତିଭାମୟୀ ଚିତ୍ରଶିଳ୍ପୀ ହେଉଛନ୍ତି **ଡ. ସସ୍ମିତା କମିଳା** । କଳାକୁ ଆଭିଜାତ୍ୟର ପସରାରେ ନ ସଜେଇ ସମୟ ଦାବି କରୁଥିବା ଆବଶ୍ୟକ ସାଜସରଞ୍ଜାମରେ କଳାର ଯଥାର୍ଥ ନିଦର୍ଶନ କରନ୍ତି ସସ୍ମିତା । ପର୍ଦ୍ଦା, କୁସନ କଭର, ବେଡଶିଟ୍, ଗାଲିଚା, ଘରର କାନ୍ଥ, ଚଟାଣ, ଖାଇବା ପିଇବା ପାଇଁ ଉଦ୍ଦିଷ୍ଟ ପାତ୍ର, ଫୁଲଦାନି ଆଦିରେ ସଜେଇ ପାରନ୍ତି ସେ ତାଙ୍କ ଅଙ୍କିତ ଜ୍ଞାନର ସୂକ୍ଷ୍ମ କାରିଗରି । ଉଭୟ ଚିତ୍ରକଳା ଓ ବ୍ୟବହାରିକ କଳାରେ ପାରଦର୍ଶିତା ଲାଭ କରିଥିବା ସସ୍ମିତାଙ୍କ ଜନ୍ମ ୧୦ ମେ ୧୯୮୦ ମସିହା ଚୋରମରା ଗ୍ରାମ, ବାଲେଶ୍ୱରରେ । ବାପା ଅରୁଣ କୁମାର କମିଳା, ମା' ସୁଜାତା କମିଳାଙ୍କ ସୁକନ୍ୟା ସସ୍ମିତା ସଂଯୋଗକ୍ରମେ ବିବାହ କରନ୍ତି ଅନ୍ୟତମ ଚିତ୍ରଶିଳ୍ପୀ ସଞ୍ଜୟ କୁମାର ପରିଡାଙ୍କୁ । ପ୍ରାରମ୍ଭିକ ସ୍ତରରେ ମା'ଙ୍କ ଉଲ୍, କ୍ରୁସ୍, ଏମ୍ବ୍ରୋଡରି କାମରେ ମୁଗ୍ଧ ହେଉଥିବା କୁନି ସସ୍ମିତା ଜୀବନସାଥୀ ସାଜିଥିବା ସଞ୍ଜୟଙ୍କ ପ୍ରେରଣାରେ ଆନୁଷ୍ଠାନିକ କଳା ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିନେଇଥିଲେ । ସେଥିସକାଶେ ବିକେ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ସ୍ନାତକ ହାସଲ କରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନିମେସନ ଓ ଗ୍ରାଫିକ ଡିଜାଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଅଦ୍ୟାବଧି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଭାବରେ କାର୍ଯ୍ୟରତ ସସ୍ମିତା ୨୦୨୧ରେ ସେହି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ ହୋଇଛନ୍ତି ।

ଚିତ୍ର କଳା ଓ ବ୍ୟବହାରିକ କଳା ଉଭୟରେ ସେ ଦକ୍ଷ। ତାଙ୍କ କଳା ମଣିଷ ଜୀବନର ସମସ୍ୟା ଭିତରେ ଆନନ୍ଦ ଖୋଜେ । ଦୁଃଖକୁ ଅତିକ୍ରମ କରି ଉଲ୍ଲାସର ସନ୍ଧାନ କରିବା ତାଙ୍କର ବିଶେଷତ୍ୱ । କଳାକାର ଭାବେ ରଙ୍ଗ ଓ ରେଖାର ବ୍ୟାକରଣ ଅତିକ୍ରମ କରି ସେ କାଳାତୀତ ସ୍ପନ୍ଦନ ଦିଅନ୍ତି । କଳାର ବଜାରୀକରଣ ହୋଇପାରିଲେ କଳାକୁ ଜୀବିକା କରି ଜିଉଥିବା କଳାକାର ଓ ସାଧାରଣ ମଣିଷ ବିଶେଷ ଭାବେ ଉପକୃତ ହେବେ ବୋଲି ଆଶାପୋଷଣ କରନ୍ତି ସସ୍ମିତା। ନିଜର କଳାର ଧାରା ସମ୍ପର୍କରେ ସସ୍ମିତା କୁହନ୍ତି , ରଙ୍ଗ ପ୍ରୟୋଗରେ ମୁଁ ମୋ ନିଜର ରୁଚି ଏବଂ ଅଭିନବତ୍ୱ ଦେଖେଇବାକୁ ଚେଷ୍ଟା କରେ । କିନ୍ତୁ ବିଷୟ ଦିଗରୁ ମୋ କଳାର ବିଷୟ ସ୍ୱତନ୍ତ୍ର । ନୂଆ କୌଶଳ ଯଥା ଡିଜିଟାଲ ପଦ୍ଧତିରେ କାମକୁ ରୁଚି ମୁତାବକ ସଜେଇ ତାକୁ ବଜାରକୁ ଛାଡିବା ଏବଂ ବଜାରରେ ତା'ର ଚାହିଦା ବୃଦ୍ଧି କରିବାରେ ସେ ଏବଂ ତାଙ୍କ ଶିକ୍ଷାର୍ଥୀମାନେ ଅବିରତ ଚେଷ୍ଟାରେ ଥାଆନ୍ତି । ଅର୍ଦ୍ଧଶତକରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚିତ୍ର ପ୍ରଦର୍ଶନୀ, କର୍ମଶାଳା ଓ ଆଲୋଚନାଚକ୍ରରେ ଭାଗ ନେଇଥିବା ସସ୍ମିତା ବିଭିନ୍ନ ସଂସ୍ଥା ଦ୍ୱାରା ନିମନ୍ତ୍ରିତ ହୋଇ କଳାର ବିଚାରକ ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି । ଲଳିତ କଳା ଏକାଡେମୀ, ବିଭିନ୍ନ କଳା ସଂସ୍ଥା, ପାଠ ପଢିଥିବା ବିକେ ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟ, ପାଠ ପଢ଼ାଉଥିବା ଧଉଳି ଆର୍ଟ କଲେଜ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ପ୍ରସିଦ୍ଧି ହାସଲ କରିଥିବା ଅନେକ ଅନ୍ ଲାଇନ ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତା ଓ ପ୍ରଦର୍ଶନୀରେ ସସ୍ମିତା କେବଳ ଅଂଶଗ୍ରହଣ କରିନାହାନ୍ତି ଅଧିକନ୍ତୁ ତାଙ୍କ କଳାକାର୍ଯ୍ୟ ପାଇଁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି ।

**–ମାନମୟୀ ରଥ**

*ଅଧକ୍ଷା, ସେଣ୍ଟ ଜାଭିଅର କିଡ୍ସ , ବାଲିପୁଟ, ପୁରୀ*

*ମୋ:୭୯୭୮୫୭୯୩୯୯*













## ନୂଆ ବର୍ଷ

**-ବିଜୟଲକ୍ଷ୍ମୀ ପାଣିଗ୍ରାହି**

ବିନା ସର୍ତ୍ତରେ ଋତୁ ପରି କଡ଼
ଲେଉଟାଉଥିବା
ଏକ ଫୁରୁସତ ବୋଧହୁଏ ତୁମେ ।
କୋରଡ ଭିତରେ ଦୋହଲୁ ଥିବା
ମୁଠାଏ  ଅନ୍ୟମନସ୍କ ପବନ ।

ନ ହେଲେ
ଥାକ ଥାକ କଥା
ବିଡ଼ା ବିଡ଼ା ଆଶ୍ୱାସନା
ବସ୍ତା ବସ୍ତା ସଂକଳ୍ପ
ଆଉ ଭରଣ ଭରଣ ସମ୍ଭାବନା
ନେଇ ଆସିଥିବା ହେ ନବବର୍ଷ !
କେମିତି
କେମିତି ତୁମେ
ସମୟର ପରିବର୍ତ୍ତିତ ସାରଣୀରେ
ମୁହଁରେ କଳା ମାଖି ଠିଆ ହୁଅ ?

ହଁ
ପ୍ରତି ରାତିରେ ନିଦ ନ ଥାଏ ସତ
କି ପ୍ରତି ସକାଳରେ ସତେଜତା ।
ଦିନ ବି ଘୁଙ୍ଗୁଡ଼ି ମାରେ
ସନ୍ଧ୍ୟା ବି ପୁଲକ ତୋଳେ
ସେଥିପାଇଁ ବୋଧହୁଏ
ତୁମେ ଆସିଲେ
ଡେଣା ଲାଗେ
ଆଞ୍ଜୁଳାଏ ଅପରାହ୍ଣରେ
ଚିତ୍ରିତ ହୁଏ ଆକାଶ
ସୂର୍ଯ୍ୟମୁଖୀର ପାନ୍ଥଶାଳାରେ
ବନ୍ଧାପଡ଼େ
ମହୁମାଛିର ଯାଯାବର ମନ ।

*-ଜୟପୁର, କୋରାପୁଟ*
*ମୋ : ୮୨୪୯୪୫୦୦୫୦*

## ନୂଆ ବର୍ଷ

**-ଲିନାରାଣୀ ଧଳମଙ୍ଗରାଜ**

ନୂଆବର୍ଷ ଆସିବ ବୋଲି ଦୁଆର ମୁହଁ ପାଖରେ ପହଞ୍ଚି ସାରିଥିଲା  ଶୀତ । ଥଣ୍ଡାର ଚାଦର ଘୋଡ଼େଇ ଦେଇ ଶୀତ କେମିତି ମୁଲାୟମ କରିଦେଇଛି ସାରା ଦୁନିଆକୁ । ଏଥର ଏତେ ବାଡ଼ି ବଗିଚାରେ ଧ୍ୟାନ ନ ଦେଇଥିଲେ ବି ସେଇ ପୁରୁଣା ସେବତୀ, ନିଜେ ନିଜେ ଉଠିଥିବା ଗେଣ୍ଡୁ ଆଉ କେତେକ ଶୀତଦିନିଆ ଫୁଲରେ ଛୋଟ ବଗିଚାଟି ପୂରି ଉଠିଛି । ଚଢ଼େଇ ଆଉ ପ୍ରଜାପତିଙ୍କର ମେଳା ବସୁଛି ସବୁଦିନ । ପ୍ରକୃତି ଆଉ ସମୟ କେବେ ବୋଧେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରନ୍ତିନି ।

ସିଦ୍ଧାର୍ଥଙ୍କୁ ଭଲଲାଗେ ବୋଲି ସବୁବର୍ଷ ପରି କାନ୍ଥରଙ୍ଗଠୁ ଆରମ୍ଭ କରି ବେଡଶିଟ, ଡୋରସ୍କ୍ରିନ,ଫୁଲଦାନିର ଫୁଲ, ମ୍ୟାଟ୍ ଏପରି କି ଘରର ଯାବତୀୟ ପୁରୁଣା ଜିନିଷକୁ ବଦଳାଉଥିଲା ନବ୍ୟା । ସବୁ ବଦଳାଇଲା ପରେ ଘର ଭାରି ସୁନ୍ଦର ଆଉ ପରିଷ୍କାର ଲାଗୁଥିଲା । ଇଚ୍ଛା ହେଉଥିଲା ଖୁସିରେ ନାଚିଯିବାକୁ ସିଦ୍ଧାର୍ଥଙ୍କ ଅଣ୍ଟାରେ ହାତ ଛନ୍ଦି, ଯେମିତି ସେ ଖୁସି ହେଲେ କରୁଥିଲେ ।

ପୁରୁଣାକୁ ବିଦାୟ ଦେଇ ନୂଆକୁ ସ୍ୱାଗତ କଲାବେଳକୁ ହାତ ବଢ଼େଇବା ଦୂରତାରେ ଆଉ ସିଦ୍ଧାର୍ଥ ନାହାନ୍ତି । ଦେଢ଼ ବର୍ଷ ହେଲାଣି ଯାଇଛନ୍ତି କରୋନାରେ ।

ପୁରୁଣା ବର୍ଷର ଅପାସୋରା କଥା ଯେତେ ଭୁଲିବାକୁ ବାହାନା କଲେ ବି ସ୍ମୃତି ସବୁ ଆଳ ଦେଖେଇ ଠିଆ ହୁଏ ଜିଦ୍ କରି ପାଖରେ । ପୁରୁଣାରେ ଥାଇ ନୂଆବର୍ଷ ପାଇଁ ନୂଆ କରି ସଜେଇବାରେ ସିଦ୍ଧାର୍ଥ ହିଁ ତା'ର ସାଥିରେ ଥାଆନ୍ତି ବୋଲି ନବ୍ୟାକୁ ଲାଗେ । ବୋଧହୁଏ ସେଥିପାଇଁ ସବୁ ନୂଆପଣରେ ସେ ସିଦ୍ଧାର୍ଥଙ୍କୁ ପାଖରେ ପାଇଲା ଭଳି ଖୁସି ହୋଇପାରେ ।

କ୍ୟାଲେଣ୍ଡରରେ  ଦିନ, ମାସ, ବର୍ଷ ସିନା ବଦଳେ ସ୍ମୃତି କିନ୍ତୁ ସବୁବେଳେ ସେମିତି ଅଭୁଲା ହୋଇ ବର୍ତ୍ତମାନରେ ଥାଏ ।

*- ଶତାବ୍ଦୀ ନଗର, ୟୁନିଟ୍ -୮, ଭୁବନେଶ୍ୱର*
*ମୋ: ୮୨୪୯୦୮୩୪୭୭*

## ନୂଆବର୍ଷ ଏକ ଅଲେଖା ପୃଷ୍ଠା

**-ସୁଶ୍ରୀ ହରପ୍ରିୟା ସାହୁ**

ତୁମକୁ ବାଦ ଦେଇ ଲେଖିହେବକି
ଏକା ଏକା ସ୍ୱପ୍ନ କଥା
ପ୍ରତି ନିଶାନ୍ତରେ
ମୋ ଜୀବନର ସାଧା କାଗଜରେ
ତୁମେ ଲେଖିଦେବ
ପ୍ରେମ ପ୍ରୀତି ସଂପ୍ରୀତିର
ସଜଳ କବିତା ।

ତୁମ କରୁଣାର ଦିବ୍ୟ ଲେଖନୀରେ
ଖାଁ ଖାଁ ଶୂନ୍ୟତାର ଧ୍ୱନି
ମୋ ଇଥରକୁ କରେ ମର୍ମରିତ
ତଥାପି ଦେଖି ମୁଁ ପାରୁଛି
ଏକ ସଜଳ ବର୍ତ୍ତମାନ
ଏକ ସମ୍ଭାବନାମୟ ଇସ୍ତାହାର
ଯେଉଁଥିରେ ସ୍ପଷ୍ଟ ଦିଶୁଅଛି
ତୁମ ସମ୍ମତିର ଦିବ୍ୟ ଦସ୍ତଖତ ।

*-ପଥୁରିଆ ସାହି, ପୁରୀ*
*ମୋ: ୭୭୩୫୫୨୯୩୧୯*






# ଧରିତ୍ରୀ DHARITRI ୨୦୨୩

## ଜାନୁୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଫେବୃୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

୨୬.୧: ସାଧାରଣତନ୍ତ୍ର ଦିବସ ଓ ଶ୍ରୀପଞ୍ଚମୀ, ୧୮.୨: ମହାଶିବରାତ୍ରି, ୮.୩: ହୋଲି, ୧୪.୪: ମହାବିଷୁବ ସଂକ୍ରାନ୍ତି, ୨୨.୪: ଇଦ୍-ଉଲ୍-ଫିତର, ୧୫.୬: ରଜ ସଂକ୍ରାନ୍ତି, ୨୦.୬: ରଥଯାତ୍ରା, ୧୫.୮: ସ୍ୱାଧୀନତା ଦିବସ, ୧୯.୯: ଗଣେଶ ଚତୁର୍ଥୀ, ୨୪.୧୦: ଦଶହରା, ୧୨.୧୧: ଦୀପାବଳି, ୨୫.୧୨: ଖ୍ରୀଷ୍ଟମାସ୍

Alishan men's exclusive since 1996
60 Janpath, Bhubaneswar, Ph.: 2534077
Our Sister Concern
Manyavar
621, Sahid Nagar, BBSR

PANDA TRAVEL MART

PRIYADARSHINI
No. 1 Orissa weaver's Organisation
Market Building, Bhubaneswar
VIP Road, Puri

SMILE GOLD JEWELLERS
Saheed Nagar, Bhubaneswar

I ❤ TSG gurukul

Green Chilly Events & Catering

ଶିବାଷ୍ଟକ ଚୂର୍ଣ୍ଣ
ଗ୍ୟାସ୍, ଏସିଡିଟି, ବଦହଜମି, ଅମ୍ଳପିତ୍ତ ଦୂର କରି ହଜମ ଶକ୍ତି ବଢାଏ ।

BIITM

SAI International Residential School

leotronix LIFETIME PARTNER

GUPTA DISTRIBUTORS
Odisha's Most Trusted
Electronics, Home Appliances, Digital Products & Home Furniture Dealer
Since 1972

SWAPNA AUTOMOBILES
Ram Mandir Sqaure, Bhubaneswar

SOL BUY & SELL USED 2 WHEELER AT BEST PRICE

ORI-HOME
Plan Smarter, Build Better...

Gitanjali AWARDS
www.gitanjaliawards.com

BHARAT MASALA
The Taste of New India

KIIT Higher Secondary School
+2 Science Campus
FULLY RESIDENTIAL
www.kiitsciencecollege.org



ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ବୋଉକୁ ଦେଇଥିଲି

ଗାୟକ ବିଜୟରାମ ତ୍ରିପାଠୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ବଡ଼ ଭାଇ ତାଙ୍କ ପିଲାମାନଙ୍କ ପାଠପଢା ଉଦ୍ଦେଶ୍ୟରେ ଭୁବନେଶ୍ୱର ଚାଲି ଯିବାପରେ ଘରର ଆର୍ଥିକସ୍ଥିତି ଖରାପ ହୋଇଗଲା । କାରଣ ନିପଟ ମଫସଲିଆ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ସେ । ସେ ଯିବା ପରେ ନନାବୋଉ( ବାପାମା' )ବହୁତ ଭାଙ୍ଗି ପଡ଼ିଲେ । ସେତେବେଳକୁ ମୋର +୩ ପରୀକ୍ଷା ସରିଥାଏ । ବାପାମା'ଙ୍କର ହତାଶିଆ ଆଖି ମୋର ହୃଦୟକୁ ଆନ୍ଦୋଳିତ କରୁଥାଏ । ଭଲ ଗୀତ ଗାଉଥିଲି ବୋଲି ଆଖପାଖ ଗାଁର ଲୋକେ ଜାଣିଥାନ୍ତି । କଲେଜରେ ରାଜନୀତି ବିଜ୍ଞାନ ବିଷୟ ଥିଲା ସତ, ହେଲେ ଇଂରାଜୀ, ଅଙ୍କ ଏବଂ ଓଡ଼ିଆରେ ଭଲ ଜ୍ଞାନ ଥିଲା ମୋର । ବାହାରିପଡିଲି ରୋଜଗାର ଅନ୍ୱେଷଣରେ । ବହୁ ସ୍ଥାନରେ ନିରାଶ ହେବାକୁ ପଡ଼ିଲା ସତ, ତଥାପି ଆଶା ହରାଇ ନ ଥାଏ । ଜଣେ ସହୃଦୟ ବ୍ୟକ୍ତି ତାଙ୍କର ଦୁଇଟି ପିଲାଙ୍କୁ ଟ୍ୟୁଶନ କରିବାକୁ କହିବା ପରେ ଆଶ୍ୱସ୍ତ ହୋଇ ଟ୍ୟୁଶନ ମାଷ୍ଟର ଭାବେ ପ୍ରଥମେ ମତେ କାମ ମିଳିଲା । ପ୍ରଥମ ମାସର ଦରମା ମତେ ମିଳିଥିଲା ୩୦୦ଟଙ୍କା । ସେଇ ଟଙ୍କାକୁ ଯେତେବେଳେ ବୋଉ ହାତକୁ ବଢ଼ାଇ ଦେଲି, ଦେଖିଲି ତା' ଆଖିରେ ଲୁହର ବନ୍ୟା । ମୋତେ କୋଳେଇ ଧରି ମୋ ମୁଣ୍ଡକୁ ଆଉଁସି ଦେଇ କହିଲା 'ତୁ ଏକମାତ୍ର ଆମ ସାହାରା ।' ତା'ପରେ ଯେତେ କଷ୍ଟ ହେଉ ପିତାମାତାଙ୍କ ଆଖିରେ ଖୁସି ଦେବା ପାଇଁ ଟ୍ୟୁଶନ ସହିତ ସଙ୍ଗୀତ ଶିକ୍ଷାରେ ଲାଗି ପଡ଼ିଲି । ପ୍ରୋଗ୍ରାମ ବି ମିଳିଲା । ପ୍ରଥମ ପ୍ରୋଗ୍ରାମରେ ୫୦୦ଟଙ୍କା ପାଇଲା ପରେ ମୋ ଭିତରେ ଆତ୍ମପ୍ରତ୍ୟୟ ବୃଦ୍ଧି ପାଇଲା । ଆତ୍ମବିଭୋର ହେଲି ମୁଁ । ବାପାମା'ଙ୍କର ସେବା କରିବାକୁ ଭଗବାନ ମୋତେ ଆହୁରି ଯୋଗ୍ୟ କରନ୍ତୁ ବୋଲି ତାଙ୍କ ଉଦ୍ଦେଶ୍ୟରେ ପ୍ରଣତି ଢାଳି ସଙ୍ଗୀତ ସାଧନା ଓ ବିଦ୍ୟାଦାନ ଜାରି ରଖିଲି । ଚାକିରି କଲେ ନାନାବୋଉଙ୍କ ପାଖ ଛାଡ଼ିଯିବାକୁ ପଡ଼ିବ ବୋଲି ଚାକିରିର ଲୋଭ ପରିତ୍ୟାଗ କରି ସଙ୍ଗୀତସାଧନା ଜାରି ରଖିବା ସହ ପୂଜାପାଠ କରୁଥିଲି । ଯେତିକି ରୋଜଗାର ହେଉଥିଲା ସେଇଥିରେ ମୋ ପରିବାର ସୁରୁଖୁରୁରେ ଚଳି ଯାଉଥିଲା । ଘରେ ପୂଜା ଓ ସଙ୍ଗୀତ ସାଧନା ଯୋଗୁ ଆଧ୍ୟାତ୍ମିକ ଶାନ୍ତି ରହୁଥିଲା, ଯାହା ଆଜି ବି ବଳବତ୍ତର ରହିଛି । ମୋତେ ଲାଗେ ନନା, ବୋଉଙ୍କ ସହ ଈଶ୍ୱର ଖୁସି ତେଣୁ ଘରେ ଏହି ପବିତ୍ରଭାବର ଆନନ୍ଦମୟ ବାତାବରଣ ରହୁଛି । ଏବେ ତ ନନାବୋଉ ନାହାନ୍ତି । ତାଙ୍କ ଆଶୀର୍ବାଦରୁ ସଙ୍ଗୀତ ଦୁନିଆରେ ପ୍ରତିଷ୍ଠିତ ହୋଇପାରିଛି । ମୁଁ କେବଳ ଭଜନ, ଜଣାଣ, ସୁନ୍ଦରକାଣ୍ଡ, ରାମଚରିତ ମାନସ, ଗୀତା, ଭାଗବତ ଓ ଗୀତଗୋବିନ୍ଦ ଗାୟନ କରେ । ତେବେ ଗୀତଗୋବିନ୍ଦର ଗାୟକ ଭାବରେ ହିଁ ମୋର ପ୍ରସିଦ୍ଧି । ମୋର ସଙ୍ଗିତ ଟିମ୍ ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ସଙ୍ଗିତ କାର୍ଯ୍ୟକ୍ରମ କରିଥାନ୍ତି ।

# ସପନ ଅଧାକୁ କାହାଣୀ ଅଧା, ରଙ୍ଗିଲା ସୁନ୍ଦରୀ ମନର ରାଧା



**ପ୍ରଶ୍ନ**-ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି । ତାକୁ ନେଇ ଯେଉଁ ସପନ ଦେଖିଥିଲି ତାହା ଅଧା ରହିବା ସହ ତାକୁ ନେଇ ଯେଉଁ କାହାଣୀଟିଏ ଲେଖିଛି ତାହା ମଧ୍ୟ ଅଧା ରହିଯାଇଛି । ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ ।

*-ଦେବକାନ୍ତ ରାଉତ, କଟକ*

**ଉତ୍ତର:** ଯେଉଁ ସୁନ୍ଦରୀ ଆପଣଙ୍କ ମନର ରାଧା ସାଜିଛି ତା' ଠିକଣା ବୋଧହୁଏ ଆପଣ ଜାଣିନାହାନ୍ତି । ତାକୁ ନେଇ ସପନ ଦେଖିବା ଠାରୁ ଆରମ୍ଭ କରି କାହାଣୀଟିଏ ବି ଲେଖି ସାରିଲେଣି । ହେଲେ ସବୁ କିଛି ଅଧା ଅଧା । 'ସପନ ଅଧାକୁ କାହାଣୀ ଅଧା, ରଙ୍ଗିଲା ସୁନ୍ଦରୀ ମନର ରାଧା' । ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ । ଯଦି ଭାବନା ରାଇଜରେ ବୁଡିଗଲେ ତେବେ ବାଟବଣା ହେବାର ଆଶଙ୍କା ରହିଛି । ଏହି ରାସ୍ତାରେ ପାଦ ଦେବା ପୂର୍ବରୁ କୌଣସି କଥାକୁ ଆଦୌ ହାଲ୍‌କା ଭାବରେ ନିଅନ୍ତୁ ନାହିଁ । ତେଣୁ ସେହି ଭାବନା ରାଇଜକୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ । ଯଦି ମନ ମାନିଲା ଓ ପାଣିପାଗ ଠିକ୍ ରହିଲା, ତେବେ ତେବେ ମନର ମାନସୀକୁ ମନର କଥା କହି ଦିଅନ୍ତୁ । ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା ।

**ପ୍ରଶ୍ନ**-ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା । ମୋ ମନକୁ କେମିତି ବୁଝାଇବି ଜାଣିପାରୁନାହିଁ ।

*-ପ୍ରସନ୍ନ ନାୟକ, ରାଉରକେଲା*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ । ଆପଣଙ୍କ ସାଙ୍ଗର ସଜେସନ୍‌କୁ ଭଲ ଭାବରେ ପରଖି ନେବାର ଥିଲା । ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ । ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ, ତାହାକୁ ବାଉଳି ହେଉଛନ୍ତି । କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି' । ତେଣୁ ସେପରି ପ୍ରେମକୁ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**-ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି । ତା'ଠାରୁ ଧୋକା ପାଇବା ପରେ ଏବେ ମନକୁ ବୁଝାଇ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି । ଏ ନେଇ ଆଗେଇବା ଠିକ୍ ହେବ ତ ?

*-ତନ୍ମୟ ଦାସ, ବାଲେଶ୍ୱର*

**ଉତ୍ତର:** ଗୋଟିଏ ପଟେ ପ୍ରଥମ ପ୍ରେମିକାକୁ ଭୁଲି ପାରୁନାହାନ୍ତି । ସେପଟେ ଲେଖିଛନ୍ତି ଯେ, ଆଉ ଥରେ ପ୍ରେମ ନଈରେ ବୁଡ ପକାଇବାକୁ ମନ ଉତାବିଳା ହେଲାଣି । ହେଲେ ଗୋଟିଏ କଥା ଭୁଲିଯାଆନ୍ତୁ ନାହିଁ ଯେ, ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ । ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ । ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ । ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ । ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିବ ।

**ପ୍ରଶ୍ନ**-ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*-ଅମରେନ୍ଦ୍ର ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ । ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ । ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ ।

ସାଥୀ



# ନଡ଼ା କାରିଗରୀ





**ସ୍କୁଲ ବୟସରୁ ରଫ୍ ଖାତା, ଭେଲ୍‌ଭେଟ୍ କାଗଜ ଓ ଦିଆସିଲି କାଠିକୁ ନେଇ ବିଭିନ୍ନ ଚିତ୍ର ଆଙ୍କୁଥିଲେ । କିନ୍ତୁ କଲେଜରେ ପଢିଲାବେଳେ ମନସ୍ଥ କଲେ କେବଳ ନଡ଼ାରେ ଚିତ୍ର ତିଆରି କରିବେ ବୋଲି, ଯାହା ତାଙ୍କୁ ଏବେ ଦେଇଛି ପରିଚୟ...**

ନଡ଼ାରେ ତିଆରି ବିଭିନ୍ନ କଳାକୃତି ପ୍ରଦର୍ଶନ କରି ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ପ୍ରଶଂସିତ ହୋଇପାରିଛନ୍ତି ସେ । ଏଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଆଉ ସମ୍ମାନ । ସେ ହେଲେ ପ୍ରଦୀପ୍ତ କୁମାର ନାୟକ, ପିତା ମୁରଲିଧର ନାୟକ, ମା' କଲ୍ୟାଣୀ ନାୟକ । ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ଜିରାଳ ଗାଁରେ । ସେ କୁହନ୍ତି, ମା'ବାପାଙ୍କୁ ଲୁଚାଇ ସ୍କୁଲ ବୟସରୁ ପାଠପଢ଼ା ସହିତ ରଫ୍ ଖାତା ଓ ଭେଲ୍‌ଭେଟ୍ କାଗଜ, ଦିଆସିଲି କାଠିକୁ ନେଇ ବିଭିନ୍ନ ଚିତ୍ର ତିଆରି କରୁଥିଲି । ଅନେକ ପରିତ୍ୟକ୍ତ ସାମଗ୍ରୀକୁ ନେଇ ବିଭିନ୍ନ କଳାକୃତି ଓ ଚିତ୍ର କରୁଥିଲି । ୧୯୮୯ରେ ହାଇସ୍କୁଲ ପଢ଼ା ସରିଲା ପରେ କଲେଜରେ ପଢିଲି । ସେହି ସମୟରେ ନଡ଼ାରେ ଚିତ୍ର କରିବାକୁ ମନସ୍ଥ କଲି । ଏଥିପାଇଁ ଧାନ ଅମଳ ସମୟରେ ନଡ଼ାକୁ ସଂଗ୍ରହ କରିବାକୁ ପଡ଼ିଥାଏ । କିଛିଦିନ ସେହି ନଡ଼ା ପାଣି ଖାଇଲା ପରେ ହଳଦିଆ ପଡ଼ିଯାଏ । ପରେ ସେହିନଡ଼ାକୁ ପରିଷ୍କାରକରି ସାଇଜ୍‌କରି କାଟି ରଖିଥାଏ । ନଡ଼ାର ଦୁଇଟି ରୂପ ରହିଛି – ଗୋଟିଏ ସୂକ୍ଷ୍ମଅଂଶକୁ ବ୍ଲେଡ୍‌ରେ ଚିରି ପଲିଶ୍ କରାଯାଏ, ଏହାକୁ ଫାଇବର କୁହନ୍ତି । କିନ୍ତୁ ଚିତ୍ରର ଆକାର ଅନୁସାରେ ସାଇଜ୍ ହୋଇ କଟାଯାଇଥିବା ନଡ଼ାକୁ ପାଣିରେ ଭିଜାଇ ଖରାରେ ଶୁଖାଇଥାଏ । ଡ୍ରଇଂ ଶିଟ୍‌ରେ ଅଙ୍କନ ହୋଇଥିବା ଚିତ୍ରକୁ ଟ୍ରେସିଂପେପର କିମ୍ବା ପିଚ୍ ବୋର୍ଡ ଫ୍ରେମ୍‌ରେ କଳାକପଡ଼ା ଉପରେ ଅଙ୍କିତ ଚିତ୍ରରେ ଆବଶ୍ୟକ ମୁତାବକ ନଡ଼ାର ବିଭିନ୍ନ ଅଂଶକୁ ଅଠା ସାହାଯ୍ୟରେ ଲଗାଯାଇଥାଏ । ଏଥିରେ କୌଣସି ରଙ୍ଗ ଦିଆଯାଇ ନ ଥାଏ । ଏହି ନଡ଼ାକଳାକୃତିକୁ ୧୯୯୩ରେ ବିହାରର ରାଞ୍ଚିଠାରେ ଆୟୋଜିତ ଜାତୀୟ ଶିଶୁକଳା କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରିଥିଲି । ସେହିପରି ୧୯୯୪ରେ ଦୁର୍ଗାପୁରଠାରେ ଏକ୍ସପୋ–ସ୍ପେଶାଲ ଟ୍ରେଡ୍ ଫେୟାରରେ ନଡ଼ା ଚିତ୍ରକଳା ପ୍ରଦର୍ଶିତ କରାଯାଇଥିଲା । ୧୯୯୫ରେ ଢେଙ୍କାନାଳ ଲକ୍ଷ୍ମୀପୂଜା ଉପଲକ୍ଷେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ମେଳା, ପୁରୀ ବେଳାଭୂମି ମହୋତ୍ସବ, ୧୯୯୬ରେ ସିଲିଗୁଡ଼ିଠାରେ ଆୟୋଜିତ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟର ପ୍ରଦର୍ଶନୀ ମେଳାରେ ନଡ଼ା କଳାକୃତି ପ୍ରଦର୍ଶନ କରିବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ମେଳା ଓ ଉତ୍ସବରେ ଏହି କଳାକୃତିକୁ ପ୍ରଦର୍ଶିତ କରିଆସୁଛି । ଏବେ ଆମ ଜିରାଳ ଗ୍ରାମରେ ମା' କଲ୍ୟାଣୀ ନଡ଼ା କଳା ତାଲିମ କେନ୍ଦ୍ର ଖୋଲି ଶତାଧିକ ଯୁବତୀ ଓ ମହିଳାଙ୍କୁ ତାଲିମ ଦେଉଛି । ବିଭିନ୍ନ ହସ୍ତକଳା ପ୍ରଦର୍ଶନୀରେ ନଡ଼ାରେ ତିଆରି ବିଭିନ୍ନ ଦେବୀଦେବଙ୍କ ଚିତ୍ର, ନାନା ପ୍ରଜାତିର ପକ୍ଷୀ, ଜୀବଜନ୍ତୁ, ଗଛ, ଫୁଲ ଫଳ ଆଦି କଳାକୃତିକୁ ତିଆରିକରି ପ୍ରାୟ ୨ଶହଟଙ୍କାରୁ ଆରମ୍ଭକରି ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ଏହି ନଡ଼ାତିଆରି କଳାକୃତିକୁ ବିକ୍ରି କରାଯାଇଥାଏ । ଆମ ରାଜ୍ୟର ହସ୍ତକଳାକାରିଗରିରେ ଏହି ନଡ଼ାକଳା ଭିନ୍ନ ପରିଚୟସୃଷ୍ଟି କରିପାରିଛି ।



# କଳାକୃତି ଦେଇଛି ରୋଜଗାର

କୌଣସି ଉତ୍ସବ ହେଉ କିମ୍ବା ମାଙ୍ଗଳିକ କାର୍ଯ୍ୟକ୍ରମ ଅବସରରେ ଯଦି ଭୋଜିଭାତର ଆୟୋଜନ ହୁଏ ତେବେ ସାଲାଡ ତ ଯେମିତି ବି ହେଉ ହୁଏ । ଏଥିରେ ବିଶେଷକରି କାକୁଡ଼ି, ଗାଜର, ଟମାଟୋ ଓ ପିଆଜ ଆଦି ପନିପରିବାର ବ୍ୟବହାର ହୋଇଥାଏ । କିନ୍ତୁ ଏହିସବୁ ପରିବା ଓ ଫଳକୁ ନେଇ ହେଉଥିବା କଳାକୃତୀ ଏବେ ଭୋଜିର ଅନ୍ୟତମ ଆକର୍ଷଣ ପାଲଟୁଛି । ତା'ସହ ରହୁଛି ବରଫର କାରିଗରୀ । ଏମିତି କଳାକୃତିକୁ ଯେ କେହି ଦେଖିଲେ ଟିକେ ଅଟକିଯିବେ । ହେଲେ ଏମିତି ପନିପରିବା ଓ ବରଫରେ ଖୋଦେଇ କଳାକୃତି ୨୦ବର୍ଷ ଧରି ତିଆରି କରିଆସୁଛନ୍ତି ଜଣେ ଯୁବକ । ସେ ହେଲେ ପ୍ରେମାନନ୍ଦ ବାରିକ । ଘର ଖୋର୍ଦ୍ଧା ଜିଲାର ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ଣୁପୁର ଗାଁରେ । ସେ କୁହନ୍ତି,ଏହି ପନିପରିବା କାର୍ଭିଂ କଳାକୃତି ତିଆରି ପାଇଁ କୌଣସି ଆର୍ଟ କଲେଜରେ ପାଠ ପଢ଼ିନାହିଁ କି କେଉଁଠି ଟ୍ରେନିଂ ନେଇନାହିଁ । ମାଟ୍ରିକ ପାସ୍ ପରେ ଗାଁରୁ ଭୁବନେଶ୍ୱରକୁ ଆସିଥିଲି । ଏଠାକାର ଏକ ହୋଟେଲରେ ଦେଖିଲି ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି ବରଫ କାର୍ଭିଂ , ଭେଜିଟେବୁଲ କାର୍ଭିଂରେ ସୁନ୍ଦରସୁନ୍ଦର କଳାକୃତି ତିଆରି କରୁଥିଲେ । ଏଥିରେ ପ୍ରଭାବିତ ହେଲି । ଏହାପରେ ମନେମନେ ଚିନ୍ତାକଲି ଏମିତି କଳାକୃତିକୁ କିପରି କରିପାରିବି । ଏଥିପାଇଁ ୧୯୯୫ରୁ ବିଭିନ୍ନ ପରିବାକୁ କାଟି ଏହି ଅଭ୍ୟାସ ଜାରି ରଖିଲି । କାର୍ଭିଂକାମକୁ ଭଲରେ କରିପାରୁଥିବାରୁ ଦିଲ୍ଲୀ ଯାଇ ପ୍ରାୟ ୫ବର୍ଷ ରହିଥିଲି । ଦିଲ୍ଲୀର ଏକ ବଡ଼ ହୋଟେଲରେ ସାଲାଡ ଡେକୋରେଶନ କାର୍ଯ୍ୟ କଲି । ଅବଶ୍ୟ ବିଶାଖାପାଟଣାରେ ୨୦୦୧ରେ ଖ୍ରୀଷ୍ଟମାସ ସ୍ୟାଣ୍ଡ ଆର୍ଟ ଓ ଆବାସ କାର୍ଭିଂ କରିଥିଲି । ଏମିତିରେ ଦେଶର ବିଭିନ୍ନ ସହରରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଏହି କାର୍ଭିଂ ପ୍ରୋଗ୍ରାମ କରି ସାରିଲିଣି । ତେବେ କାର୍ଭିଂ ଡିଜାଇନ୍ ଅନୁସାରେ ପ୍ରଥମେ ବଡ଼ବଡ଼ ପନିପରିବାକୁ ଆଣିବାକୁ ପଡ଼ିଥାଏ । ତାପରେ ଡିଜାଇନ୍‌କୁ ନଜର ରଖି ପନିପରିବାର ଚୋପା କିମ୍ବା ଉପରଭାଗରେ ହାଲୁକାରେ ସ୍କେଚ୍‌ରେ ବିଭିନ୍ନ ଆକୃତିର ଚିତ୍ର କରାଯାଇ ଥାଏ । ତାପରେ ଛୁରିରେ କଟାଯାଇ ଡିଜାଇନ ଅନୁସାରେ କଳାକୃତିର ନମୁନାକୁ ବାହାର କରାଯାଇ ସୁନ୍ଦରସୁନ୍ଦର କଳାକୃତି ତିଆରି କରାଯାଇଥାଏ । ଏହି କାର୍ଭିଂ କଳାକୃତି ପାଇଁ ଗାଜର, ବିଟ୍, ମୂଳା, ପିଆଜ, ପତ୍ରକୋବି, ଫୁଲକୋବି, କ୍ୟାପସିକମ, ତରଭୁଜ, କଖାରୁ, କଦଳୀ, କାକୁଡ଼ି ଆଦି ବିଭିନ୍ନ ପନିପରିବା ଦରକାର ପଡ଼ିଥାଏ । କେବଳ ପନିପରିବା ନୁହେଁ ବରଂ ବରଫରେ ମଧ୍ୟ ବରଫକୁ କଟିଂକରି ବରଫକାର୍ଭିଂ କଳାକୃତି କରାଯାଇଥାଏ । ଏହା ଟିକେ ନିଆରା ଲାଗେ । ବରଫ କଟିଂ, ପନିପରିବା ଓ ଫଳ କଟିଂ, ସାଲାଡ ଡେକୋରେଶନ, ଫଳ ଡେକୋରେଶନ, ପେଣ୍ଟିଂ, ଫ୍ଲାୱାର ଡେକୋରେଶନ ଓ ବାଲୁକାକଳାକୃତି ଆଦିର ଆଦର ଦିନକୁଦିନ ବଢୁଥିବାରୁ ଏମିତି କାମରେ ଆଜିକାଲି ବହୁ ଯୁବତୀଯୁବକ ରୁଚି ରଖୁଛନ୍ତି । ଏଥିରେ ଭଲ ରୋଜଗାର ହୋଇପାରୁଛି ।






–ବନବିହାରୀ ବେହେରା



ସୁମନ୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଦିଦି

କଲେଜକୁ ନୂଆ ଆସିଥିବା ଜଣେ ଝିଅକୁ
ଯୁବକ- ତୁମ ନାଁ କ'ଣ ?
ଝିଅ- ମତେ ସମସ୍ତେ ଦିଦି ଡାକନ୍ତି।
ଯୁବକ- ଆରେ ବାଃ କି ସଂଯୋଗ, ମତେ ସମସ୍ତେ ଜିଜୁ ଡାକନ୍ତି।

### ଫରକ

ପ୍ରଥମ ସାଙ୍ଗ ଦ୍ୱିତୀୟ ସାଙ୍ଗକୁ- କହିଲୁ ଦେଖି ବିବାହିତ ପୁରୁଷ ଓ ବିବାହିତା ନାରୀଙ୍କ ଭିତରେ ଫରକ୍ କ'ଣ ?
ଦ୍ୱିତୀୟ ସାଙ୍ଗ- ବେକରେ ମଙ୍ଗଳ ସୂତ୍ର ଲଟକିଥିଲେ ନାରୀ ବିବାହିତା ଓ ମୁହଁ ଲଟକିଥିଲେ ପୁରୁଷ ବିବାହିତ।

### ଗରମ

ପ୍ରେମିକା ପ୍ରେମିକକୁ- ତମେ ଜାଣିଛ ସଙ୍ଗୀତରେ ଏତେ ଶକ୍ତି ଥାଏ ଯେ, ପାଣିକୁ ବି ତାହା ଗରମ କରିଦେବ।
ପ୍ରେମିକ- ହଁ, ହେଇଥିବ। ତୁମ ଗୀତ ଶୁଣି ଯଦି ମୋର ରକ୍ତ ଗରମ ହେଇପାରୁଛି, ତା'ହେଲେ ପାଣି କାହିଁକି ହେବନି।



# ନୂଆବର୍ଷରେ ବୁଲାବୁଲି

ନୂଆବର୍ଷରେ ବୁଲାବୁଲି କରିବାରେ ଥାଏ ନିଆରା ଆନନ୍ଦ। ସେଥିପାଇଁ କିଏ କେତେ ପ୍ରକାର ପ୍ଲାନିଂ କରିଥାନ୍ତି। ତେବେ ଏଠାରେ ଏମିତି କିଛି ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଯାଉଛି; ଯେଉଁଠାକୁ ବୁଲିଗଲେ ନୂଆବର୍ଷ ସେଲିବ୍ରେଶନର ଭରପୂର ମଜା ଉଠାଇବା ସହ କିଛିଟା ନିଆରା ଅନୁଭୂତି ସାଉଁଟି ହେବ...





* **ଗୋଆ:** ନୂଆବର୍ଷ ସେଲିବ୍ରେଶନର ଭରପୂର ମଜା ଉଠାଇବା ପାଇଁ ଗୋଆ ହେଉଛି ସବୁଠୁ ଅଧିକ ପସନ୍ଦ କରାଯାଉଥିବା ସ୍ଥାନ। କାରଣ ଏହି ସମୟରେ ଏଠାକାର ପାଣିପାଗ ବେଶ୍ ଅନୁକୂଳ ରହିଥାଏ ବୁଲାବୁଲି କରିବାକୁ। ଏଠାକାର ମନୋରମ ସମୁଦ୍ରତଟର ଆକର୍ଷଣ, ତା'ସାଙ୍ଗକୁ ଲେଟ୍ ନାଇଟ୍ ସେଲିବ୍ରେଶନ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ସେଥିପାଇଁ ନୂଆବର୍ଷ ଅବସରରେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ ଏଠାକୁ।
* **ବେଙ୍ଗାଲୁରୁ:** ନୂଆବର୍ଷ ଅବସରରେ ବେଙ୍ଗାଲୁରୁରେ ଶପିଂ କରିବାରେ ବେଶ୍ ଫାଇଦା ଥାଏ। କାରଣ ଏହି ସମୟରେ ସ୍ଥାନୀୟ ମଲ୍‌ଗୁଡ଼ିକରେ ଭଲ ଅଫର ସବୁ ଦିଆଯାଇଥାଏ। କେବଳ ଶପିଂ ନୁହେଁ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ବି ଆୟୋଜନ ହୋଇଥାଏ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ବିଭିନ୍ନ ଐତିହାସିକ ସ୍ଥାନ ବୁଲି ନିଆରା ଅନୁଭୂତି ସାଉଁଟିପାରିବେ।
* **ଲାକ୍ଷାଦ୍ୱୀପ:** ବ୍ୟସ୍ତମୟ ଜୀବନରୁ ସମୟ ବାହାରକରି ଯଦି ଆପଣ ନୂଆବର୍ଷକୁ କେଉଁ ଏକ ଶାନ୍ତିପୂର୍ଣ୍ଣ ସ୍ଥାନରେ କଟାଇବାକୁ ଚାହୁଁଥାନ୍ତି, ତା'ହେଲେ ଲାକ୍ଷାଦ୍ୱୀପ ଆପଣଙ୍କ ପାଇଁ ବେଷ୍ଟ ହେବ। କାରଣ ଏଠାକାର ଶାନ୍ତ, ସୁନ୍ଦର ବେଳାଭୂମି ମନକୁ ବେଶ୍ ଆରାମ ଦେଇଥାଏ। ପର୍ଯ୍ୟଟକ ଏଠାରେ ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟକୁ ମନଭରି ଉପଭୋଗ କରିବା ସହ ଫଟୋ ଉଠାଇପାରିବେ ଏବଂ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ମଜା ମଧ୍ୟ ନେଇପାରିବେ। ତା'ସହ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ମ୍ୟୁଜିକ୍‌ର ତାଳେ ତାଳେ ନାଚି, ଗାଇ ଆନନ୍ଦ ଉଠାଇପାରିବେ।
* **ଉଦୟପୁର:** ରାଜସ୍ଥାନର ଉଦୟପୁରରେ ବି ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଜୋର୍‌ସୋରରେ ପ୍ରସ୍ତୁତି କରାଯାଇଥାଏ। ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ଖୁବ୍ ଶସ୍ତାରୁ ଆରମ୍ଭ କରି ନାମୀଦାମୀ ହୋଟେଲର ବ୍ୟବସ୍ଥା ରହିଛି। ଆଉ ଏହିସବୁ ହୋଟେଲଗୁଡ଼ିକରେ ନୂଆବର୍ଷ ଉପଲକ୍ଷେ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ରାତିରେ ଆତସବାଜି ସହ ସଙ୍ଗୀତର ତାଳେ ତାଳେ ଝୁମିଝୁମି ଲୋକେ ଏଠି ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି। କେବଳ ସେତିକି ନୁହେଁ, ଏଠାରେ ଅନେକ ଐତିହାସିକ ସ୍ଥଳୀ ରହିଛି ; ଯାହା ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିଥାଏ।
* **ଦିଲ୍ଲୀ:** ନୂଆବର୍ଷ ଅବସରରେ ଏଠାରେ ମ୍ୟୁଜିକାଲ ନାଇଟ୍ସର ଝଲକ ଦେଖିବାକୁ ମିଳେ। ନାଚ, ଗୀତ ସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଜନର ଆନନ୍ଦ ଉଠାଇବାକୁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଆଗ୍ରହ ରହୁଥିବା ପରିଲକ୍ଷିତ ହୁଏ। ତା'ଛଡ଼ା ଏହି ଅବସରରେ ଭଲ ଅଫରରେ ଏଠାରେ ଶପିଂ ବି କରିହୁଏ। ବୁଲାବୁଲି କରିବା ପାଇଁ ଏଠାରେ ଅନେକ ମନୋରମ ପର୍ଯ୍ୟଟନସ୍ଥଳୀ ରହିଛି। ସେଥିପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ନୂଆବର୍ଷ ଛୁଟି କଟାଇବାକୁ ଏଠାକୁ ଧାଇଁ ଆସିଥାନ୍ତି।
* **ମଧ୍ୟପ୍ରଦେଶ:** ଏହା ହେଉଛି ଭାରତର ଏମିତି ଏକ ରାଜ୍ୟ, ଯାହା ନିଜର ଐତିହାସିକ ସ୍ମାରକୀ, ମନ୍ଦିର ତଥା ଆକର୍ଷଣୀୟ ଦୁର୍ଗ ଓ ମହଲ ଦ୍ୱାରା ଆଗନ୍ତୁକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ତା'ଛଡ଼ା ଏଠାରେ ଅନେକ ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ବି ରହିଛି, ଯେଉଁଠାରେ ଆଗନ୍ତୁକ ବିଭିନ୍ନ ପ୍ରକାର ଲୁପ୍ତପ୍ରାୟ ପଶୁପକ୍ଷୀ ତଥା ବୃକ୍ଷଲତାକୁ ଦେଖିବାର ସୁଯୋଗ ପାଇପାରିବେ। ନୂଆବର୍ଷ ଅବସରରେ ବୁଲାବୁଲି କରିବାକୁ ଯା'ଠାରୁ ବଳି ଭଲ ସ୍ଥାନ ଆଉ କ'ଣ ହୋଇପାରେ।





* **କସୌଲୀ:** ହିମାଚଳପ୍ରଦେଶର କସୌଲୀ ବି ନୂଆବର୍ଷ ପାଳନ କରିବା ପାଇଁ ଏକ ପର୍‌ଫେକ୍ଟ ଡେଷ୍ଟିନେଶନ। ଏଠାରେ ନବବର୍ଷ ସେଲିବ୍ରେଶନର ମଜା ନେବା ସହ ପର୍ଯ୍ୟଟକ ଚାହିଁଲେ କେତେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବୁଲି ଦେଖି ନୂଆ ନୂଆ ଅନୁଭୂତି ସାଉଁଟିପାରିବେ।

କେବଳ ଏତିକି ନୁହେଁ, ଭାରତରେ ଆହୁରି ଅନେକ ସ୍ଥାନ ବି ଅଛି ଯେଉଁଠାରେ ଖୁବ୍ ଧୁମଧାମରେ ନୂଆବର୍ଷକୁ ସ୍ୱାଗତ କରାଯାଇଥାଏ।



# ଘଣ୍ଟାର କଥା






ସମୟ ଜାଣିବା ପାଇଁ ଆମେ ଘଣ୍ଟାର ବ୍ୟବହାର କରୁଛୁ। ହେଲେ ପୂର୍ବେ ସୂର୍ଯ୍ୟଙ୍କ ସାହାଯ୍ୟରେ ସମୟ ଜାଣୁଥିଲେ। ଅର୍ଥାତ୍ ସୂର୍ଯ୍ୟଙ୍କର ବିଭିନ୍ନ ସ୍ଥିତି ଓ ଅବସ୍ଥାକୁ ଦେଖି ସମୟର ଅନୁମାନ କରାଯାଉଥିଲା। ଏମିତି କି ସୂର୍ଯ୍ୟଙ୍କ କିରଣ ପାଇଁ କୌଣସି ବସ୍ତୁର ସୃଷ୍ଟି ହେଉଥିବା ଛାଇକୁ ଦେଖି ସମୟର ଅନୁମାନ ମଧ କରାଯାଉଥିଲା। ଏହାପରେ ସୂର୍ଯ୍ୟଘଡ଼ିର ବି ଆବିଷ୍କାର ହୋଇଥିଲା। ଏହାର ଉଦ୍ଭାବନ କେବେ ହୋଇଥିଲା ସଠିକ ଜଣା ନ ଥିଲେ ହେଁ ଏହାର ବ୍ୟବହାର ପ୍ରାଚୀନ ରୋମ ଓ ପ୍ରାଚୀନ ଇରାକରେ ହେଉଥିଲା। ଯାହା ତାଙ୍କ ଓଲ୍ଡ ଟେଷ୍ଟାମେଣ୍ଟରେ ବର୍ଣ୍ଣନା କରାଯାଇଛି। ଗ୍ରୀକ ଓ ରୋମବାସୀ ମଧ ସମୟ ଜାଣିବାକୁ ସନ୍‌ଡାଏଲ ବା ସୂର୍ଯ୍ୟଘଡି ବ୍ୟବହାର କରୁଥିଲେ। ଏହାର ଲୋକପ୍ରିୟତା ବଢ଼ିବା ସହ ବିଭିନ୍ନ ସ୍ଥାନରେ ଏହାର ବ୍ୟବହାର ହେବାକୁ ଲାଗିଲା। ପରବର୍ତ୍ତୀ ସମୟରେ ଖ୍ରୀ.ପୂ. ୧୪୦୦ରେ ଇଜିପ୍ଟରେ ଜଳଘଡ଼ି ଉଦ୍ଭାବନ ହୋଇଥିଲା। ୯୯୬ ମସିହାରେ ପୋପ ସିଲଭେଷ୍ଟର ଦ୍ୱିତୀୟ ତିଆରି କରିଥିଲେ ପ୍ରଥମ ମେକାନିକାଲ କ୍ଲକ୍ ବା ଯାନ୍ତ୍ରିକ ଘଣ୍ଟା। ୟୁରୋପରେ ଘଣ୍ଟାର ବ୍ୟବହାର ତ୍ରୟୋଦଶ ଶତାବ୍ଦୀର ଶେଷ ଆଡକୁ ହୋଇଥିଲା। ପ୍ରଥମ ଗିୟରଡ କ୍ଲକ୍‌କୁ ପ୍ରସିଦ୍ଧ ଗଣିତଜ୍ଞ, ପଦାର୍ଥ ବିଜ୍ଞାନୀ ତଥା ଇଞ୍ଜିନିୟର ଆର୍କମେଡିସ୍ ଖ୍ରୀପୂ. ୩ୟ ଶତାବ୍ଦୀରେ ଉଦ୍ଭାବନ କରିଥିଲେ। ତାହା ଏକ ଆଷ୍ଟ୍ରୋନୋମିକାଲ କ୍ଲକ୍ ଥିଲା। ଏହାବାଦ ସେ ଏକ କୁକୋ କ୍ଲକ୍ ବି ତିଆରି କରିଥିଲେ, ଯେଉଁଥିରେ ପ୍ରତିଘଣ୍ଟାରେ ଏକ ଚଢେଇ ଗୀତ ଗାଉଥିଲା । ୧୬୫୬ରେ ପେଣ୍ଡୁଲମ୍ କ୍ଲକ୍‌ର ଉଦ୍ଭାବନ ହୋଇଥିଲା। ପରେ ୧୬୭୫ରେ ହେୟାରସ୍ପ୍ରିଙ୍ଗ ଘଣ୍ଟା ଓ ତା'ପରେ ୧୮୧୫ରେ ଇଲେକ୍ଟ୍ରିକ୍ ଘଣ୍ଟା ଆସିଲା। ଫ୍ରାନ୍ସିସ ରୋନାଲ୍ଡସ୍ ଡ୍ରାଏ ପାଇଲ ବ୍ୟାଟେରି ଚାଳିତ ପ୍ରଥମ ଇଲେକ୍ଟ୍ରିକ୍ ଘଣ୍ଟା ତିଆରି କରିଥିଲେ। ୧୮୪୦ରେ ଆଲେକ୍‌ଜାଣ୍ଡାର ବେନ୍ ତାଙ୍କର ବୈଦ୍ୟୁତିକ ଘଣ୍ଟାକୁ ପ୍ୟାଟେଣ୍ଟ କରିଥିଲେ। ପରେ କ୍ୱାର୍ଜ କ୍ଲକ୍ ଆସିଲା। ୧୯୨୭ରେ ପ୍ରଥମ କ୍ୱାର୍ଜ କ୍ଲକ୍ ୱାରେନ ମାରସନ୍ ଓ ଜେ. ଡବଲ୍ୟୁ ହୋର୍ଟନ ତିଆରି କରିଥିଲେ। ଏବେ ଅଟୋମିକ କ୍ଲକ୍ ହେଉଛି ସଠିକ୍ ସମୟ ଦେଖାଉଥିବା ଘଣ୍ଟାଭାବେ ପ୍ରଚଳିତ। ଏହା କ୍ୱାର୍ଜ ଘଣ୍ଟାଠାରୁ ମଧ ସଠିକ ସମୟ ଦେଖାଇଥାଏ।

# ବକ୍ର ମନ୍ଦିର





ସପ୍ତ ଆଶ୍ଚର୍ଯ୍ୟ ବିଷୟରେ ତ ସମସ୍ତେ ଜାଣନ୍ତି। ହେଲେ ଏମିତି ବି କିଛି ସ୍ଥାପତ୍ୟ ଅଛି ଯାହା ସପ୍ତାଶ୍ଚର୍ଯ୍ୟ ତାଲିକାରେ ନାହିଁ ସତ, ହେଲେ ସେଗୁଡିକ କୌଣସି ବିସ୍ମୟଠାରୁ କମ୍ ନୁହେଁ। ସେମିତି ଏକ ସ୍ଥାପତ୍ୟ ତାଇୱାନରେ ବି ଦେଖିବାକୁ ମିଳେ। ଏହା ଏକ ମନ୍ଦିର, ଯାହା ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଭୂମି ଉପରେ ବଙ୍କା ହୋଇ ଠିଆ ହୋଇଛି। ଏହାକୁ ଇଟାଲୀର ଲିନିଂ ଟାୱର ଅଫ୍ ପିସା ସହ ତୁଳନା କରାଯାଏ। 'ତାଇହେ ଝେନଜିଙ୍ଗ' ନାମକ ଏହି ମନ୍ଦିରଟି ତାଇୱାନର ଚିୟାଇ କାଉଣ୍ଟିରେ ଅଛି। ଏହା ଆରମ୍ଭରୁ ବଙ୍କା ଅବସ୍ଥାରେ ନ ଥିଲା। ପ୍ରଥମେ ଏହା ସିଧା ଠିଆ ହୋଇଥିଲା। ୨୦୦୯ରେ ତାଇୱାନରେ ମୋରାକୋଟ ନାମକ ଏକ ବଡ଼ ତୋଫାନ ଆସିଥିଲା। ଏହି ତୋଫାନ ତାଇୱାନରେ ବହୁ କ୍ଷୟକ୍ଷତି କରିଥିଲା। ପ୍ରବଳ ବର୍ଷା ଯୋଗୁ ମାଟି ଧୋଇ ଯାଇଥିଲା। ଅନେକ ବଡ଼ ବଡ଼ କୋଠା ଭାଙ୍ଗି ଯାଇଥିଲା। ଆଉ ଏହି ମନ୍ଦିର ନିଜ ସ୍ଥାନରୁ ୧୦୦ ମିଟର ପର୍ଯ୍ୟନ୍ତ ଖସି ଯିବା ସହ ୪୫° ପର୍ଯ୍ୟନ୍ତ ବଙ୍କା ହୋଇଯାଇଥିଲା। ହେଲେ ମନ୍ଦିରର କିଛି କ୍ଷତି ହୋଇ ନ ଥିଲା। ଏବେବି ଏହି ମନ୍ଦିର ବଙ୍କା ଅବସ୍ଥାରେ ଅଛି ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ସାଜିଛି। ଲୋକେ ଏହି ବକ୍ର ମନ୍ଦିର ସାମ୍ନାରେ ଠିଆ ହୋଇ ଫଟୋ ଉଠାଇବାକୁ ପସନ୍ଦ କରନ୍ତି।



## କଥା ଚାଟ୍

### ଶ୍ରୀମାନ୍ ସର୍ବଗିଳା

# ଆପଣା ଖୁସି ପାଇଁ..

ସେଦିନ ମୁଁ ମା' କାଳୀଙ୍କ ପାଖରେ ପ୍ରଣାମ କରି ଦୁନିଆର ଦୁଃଖ ଦୂରପାଇଁ ପ୍ରାର୍ଥନାକରିବାକୁ ଗଲାବେଳେ ଦେଖିଲି, ଲୋକଟା ଗୋଟେ ଛେଳିବେକକୁ ଦଉଡ଼ିରେ ବାନ୍ଧି ମନ୍ଦିରଆଡକୁ ଭିଡିଭିଡି ନେଉଛି । ବିଚରା ଛେଳି ଯିବାକୁ ଇଛା ନକରି ପଛକୁ ଭିଡିହୋଇ ମେଁ ମେଁ କରି ବିକଳିଆ ରଡ଼ି ଛାଡୁଛି । ତା'ସାଥୀ ଆଉଜଣେ ଛେଳି ମୁହଁ ଆଗରେ ଡାଳ ପତ୍ର ପୁଳାଏ ଧରି ଖାଇବାକୁ ଖାଲି ଦେଖାଉଥିଲାସିନା, ଦେଉନଥିଲା । ମୁଁ ତାଙ୍କୁ ପଚାରିଲି.. ଭାଇ ! ଏ ଛେଳି କ'ଣ ତମପାଇଁ ଅଧିକ ପ୍ରାର୍ଥନା କରିବ ବୋଲି ନେଇଯାଉଛ ? ସେ କହିଲେ ନା, ଏଇଟା ମା'ଙ୍କ ପାଖରେ ବଳି ପଡିବ । ମୋ ପୁଅର ରୋଗ ଭଲ ହେବାପାଇଁ ମା'ଙ୍କ ପାଖେ ମାନସିକ କରିଥିଲି । ହେଲେ ସବୁ ବନ୍ଧୁ ବାନ୍ଧବ ବ୍ୟସ୍ତ ବିରକ୍ତ ହେଲେଣି ଡେରି ହେଉଛି ବୋଲି । ଶୀଘ୍ର ବଳି ମାଂସ ନେଲେ ରୋଷେଇହେବ । ଭୋଜିପାଇଁ ଆସି ସେମାନେ ଅପେକ୍ଷା କରିଛନ୍ତି । କିନ୍ତୁ ଏ ଛେଳିଟା ଡେରିକରୁଛି ଯାଉନି । ଏହାକହି ତା' ପଛକୁ ପେଲି ପେଲି ନେଇଯାଉଥିଲା ଲୋକଟି । ମୁଁ ଭାବୁଥିଲି.. ଆଃ ହାରେ ଆହାର ! ଆପଣା ସ୍ୱାର୍ଥସିଦ୍ଧି ପାଇଁ ମାନସିକର ଏ ମାନସିକତା କି ପ୍ରକାର ? ଛେଳିକୁ ତା ମା' ପାଖରୁ ଛଡେଇଆଣି, ଜଗତମାତାବୋଲି ମାନୁଥିବା ମା' ପାଖେ ବଳିଦେଇ, ତା ମାଂସରେ ବନ୍ଧୁମାନେ ମିଶି ଭୋଜିକରି ଖାଇଲେ, ନିଜ ପିଲା ବ୍ୟାଧିମୁକ୍ତ ହେବ ! ଶାସ୍ତ୍ରରେ ଯେଉଁ ପଶୁବଳି କଥା ଲେଖାଅଛି, ତା' ଅର୍ଥ କଣ ଏଇଆ ? ନା ଆପଣା ଭିତରେ ଥିବା ପଶୁତ୍ୱ ବା ପଶୁପ୍ରବୃତ୍ତିକୁ ବଳି ପକେଇଲେ.. ତାଙ୍କୁ ଉତ୍ସର୍ଗ ବା ତାଙ୍କପାଖେ ତ୍ୟାଗକରି, ନିଜଭିତରେ ମନୁଷ୍ୟତ୍ୱ ଜଗାଇଲେ ମା' ସନ୍ତୁଷ୍ଟହୋଇ କୃପା କରନ୍ତି.. ବର ଦିଅନ୍ତି,... ତାହା ବିଜ୍ଞଜନଙ୍କ ବିଚାର୍ଯ୍ୟ । ହଁ ବା.. ଯୁଗେ ଯୁଗେ ମଣିଷ ତ ନିଜ ସ୍ୱାର୍ଥପାଇଁ ଏଇ ଛେଳିଭଳିଆ ନିରୀହ ସରଳ ପ୍ରାଣୀଙ୍କ ପ୍ରାଣନେବା ଜାଣେ । ମାତ୍ର ବାଘଭଳି ହିଂସ୍ର ଭୟଙ୍କର ଜୀବକୁ ବଳି ପକେଇବାପାଇଁ ସାହସ କରିପାରେ ନାହିଁ ।

ଏଇ ଇଂରାଜୀ ନୂଆବର୍ଷ । କେତେ କୋଉଠି ସୁଖ ସମୃଦ୍ଧି କାମନା କରି ଚାଲିଛି ଭୋଜିଭାତ.. ମଦ ମାଉଁସର ଆସର । କହିଲେ.. ସତରେ ଏହା ଦୁନିଆର ମଙ୍ଗଳପାଇଁ ପ୍ରାର୍ଥନା ନା ନିଜ ଭିତରେ ଲୁଚିଥିବା ବାଘଭଳି ପ୍ରକୃତିକୁ ସନ୍ତୁଷ୍ଟ କରି ଜିଭ ସୁଆଦର ବାହାନା ନେବା ? ତଥାପି ମଣିଷ ଏମିତି ଶହ ଶହ ନିରୀହ ଛେଳି କୁକୁଡ଼ାଙ୍କୁ ବଳିପକେଇ, ମଦ ମାଂସ ନାଚ ଗୀତରେ ମସଗୁଲହୋଇ ଜଗତର ମଙ୍ଗଳକରୁଛି କହି ନିଜକୁ ବଡ଼ ଜ୍ଞାନୀ ଗୁଣୀ, ସର୍ବଜ୍ଞାତା ପଣ୍ଡିତବୋଲି ଦାବୀ କରିଆସୁଛି । ଈଶ୍ୱରଙ୍କ ସୃଷ୍ଟିକି ନଷ୍ଟକରି, ନିଜ ସୁଖ ମନାସୁଛି । ଯେଉଁ ପ୍ରାଣୀମାନେ ସାରା ଜୀବନ ମଣିଷ ସେବାରେ ଜୀବନ ଦେଉଛନ୍ତି, ତାଙ୍କୁ ମାରିବାରେ ଟିକେ ଦୟା, ଧର୍ମ ବା ଉପକାରର ପ୍ରତିଦାନ କଥା କେବେ ଭାବୁନି । ଆମେ ଫଳ ଖାଉ । ତାଙ୍କୁ ଚୋପା, ନଡା, ପତ୍ର ଦେଉ । ଆମେ ଅମୃତପରି କ୍ଷୀର ପିଉ । ତାଙ୍କୁ ଅଇଁଠା ପେଜ ତୋରାଣି ଦେଉ । ତଥାପି ସେମାନେ ଆମ ସେବାରେ ମନଉଣା କି ଅବହେଳା କରନ୍ତି ନାହିଁ । ଆମେ ଆମର ଜନସଂଖ୍ୟା ବୃଦ୍ଧିକରି... ତାଙ୍କର ବଂଶ ନାଶ କରୁ । ବାଃରେ ମଣିଷ..।

ବରଷକର କଥା । ଅଠରଜଣ ନୂଆବର୍ଷ ଭୋଜିପାଇଁ ନଈକୁଳିଆ ଛାଇ



ଜାଗାରେ ଡେରା ପକେଇ କିଛି ଚୁଲି ଠୁ ହାଣ୍ଡି ଯାଏ ଯୋଗାଡ଼ିବାରେ ବ୍ୟସ୍ତ ତ ଆଉକିଛି ଆସିଥିବା ବିଦେଶୀ ବୋତଲର ସଦ୍‌ବ୍ୟବହାର କରିବାରେ ବ୍ୟସ୍ତ । ପାଖରେ ସାତ କି ଆଠ କେଜିଆ ଓଜନର ଛେଳି ମଟନଖିଆ ମଣିଷପାଇଁ ବନ୍ଧାହୋଇ ଭେଁ ଭେଁ ହେଇ ରଡୁଥାଏ । ଆଉ କିଏ ମଟନ ଖାନ୍ତିନି ବୋଲି ଗଞ୍ଜା ଅଭାବରୁ ଅଣ୍ଡାଦିଆ ଦେଶୀ ପେଣ୍ଠି କୁକୁଡ଼ାର ଗୋଡ଼ ବନ୍ଧାହୋଇ ପଡିଥାଏ । ଏମାନଙ୍କୁ ମାରି ମାଂସ ଦେବାକୁ କଥା ଦେଇଥିବା କଂସେଇ ଛୁରୀ କଟୁରୀକି ପଡ଼ିଥିବା ପଥରରେ ଘଷି ଚକଚକ କରିବାଦେଖି, କୁକୁଡ଼ା ପଚାରିଲା– ଛେଳି କହିଲୁ, ତୋର ମୋର ବଳି ପଡ଼ିବାରେ କାହାର ଆଗ ପାଳି ? ଛେଳି କହିଲା.. ମତେ ଲାଗୁଚି ଆଗ ତୋ ପାଳି । ମାତ୍ର ଅଧଘଣ୍ଟେରେ ତୋ ବେକ ମୋଡି, ପର ଓପାଡି, ପେଟକୁ ଫାଡ଼ି, କିଲେ ମାଉଁସ ତୋ' ଦେହରୁ କାଢ଼ିବାକୁ ବହୁତ କମ୍ ସମୟ ଲାଗିବ ତ । ତେଣୁ ତୋ କାମ ଆଗ ବଢିବ । କୁକୁଡ଼ା ଆଖି ଛଳ ଛଳ କରି କହିଲା.. ବୁଝିଲୁ ଭାଇ ! ମୁଁ ସାରା ଜୀବନ ଯେତେ ଅଣ୍ଡାଦେଲି, ଦେଶୀଅଣ୍ଡା ବୋଲି ଚଢ଼ାଦାମରେ ମୋ ମାଲିକ ବିକି ବହୁତ ଟଙ୍କା କମେଇଲା । ନିଜେ ଖାଇ ତା' ପିଲାଙ୍କୁ ଖୁଆଇଲା । ମୋ ବଂଶ ବୁଡେଇଲା । ଛୁଆଟେ ଦେଖିପାରିଲିନି କି ମା' ଡାକ ଶୁଣିପାରିଲିନି । ତଥାପି ଲୋଭୀର ମନ ବୁଝିଲାନି ଯେ, ଏ ବୟସରେ ଦେଶୀ ପେଣ୍ଠି ବୋଲି ଢ଼େରେ ମୂଲଚାଲ କରି ନଅ ଶହ ଟଙ୍କାରେ ଏ ଲୋକକୁ ବିକିଲା । ସେ ମତେ କିଣିବା ଆଗରୁ ପାଞ୍ଚଥର ହାତରେ ଟେକି ମୋ ମାଂସ ଓଜନ କେତେହେବ ମାପିଲା । ଏତେ ଶରଧାରେ ଦାନା ଖୁଆଇବାର କାରଣ କ'ଣ ଏଇଆ ? ଛେଳି କହିଲା, ମଣିଷଭଳି ଦିଶୁଥିବା କିଛି ଅଛନ୍ତି, ଯେଉଁମାନଙ୍କର କଥା ବଡ ମଧୁର, ହେଲେ ପେଟରେ ପେଟେ ହଳାହଳ । ହଉ, ଏବେ ମୋ କଥା ଟିକେ ଶୁଣ । ଆମେ ଭାଇ ଭଉଣୀ ଥିଲୁ ତିନିଜଣ । ମୋ ମା' ଏଯାଏ ବୁଢ଼ୀ ହେଇନି, ଛୁଆ ଦେଉଛି ବୋଲି ମୋ ମାଲିକ ବିକୁନି । ସବୁରି ଭିତରେ ମୁଁ ବଡ, ମୋଟା । ବୟସ ମତେ ମାତ୍ର ଦି 'ବର୍ଷ । ମୁଁ ଶୀଘ୍ର ବଢ଼ି ମୋ ଓଜନ ବଢିବବୋଲି ମୋ ମାଲିକ ପିଲାରୁ ମତେ ପଶୁଡାକ୍ତରଖାନା ନେଇ ମତେ ନପୁଂସକ କଲେ । ଖୋଇପେଇ ଭାରି ଭଲପାଆନ୍ତି ବୋଲି ଆଉଁସି ଦେଉଥିଲେ । ସୁନ୍ଦର ଦିଶିବାକୁ ଯତ୍ନ ନେଉଥିଲେ । ତାଙ୍କ ଏତେ ସ୍ନେହ ଯେ, ମୋ ଶୀଘ୍ର ମରଣର କାରଣ ହେବ ମୁଁ ଆଜି ଜାଣିଲି । ଏଇ ଲୋକଟା ଆଠଦିନ ଆଗରୁ ମୋ ମାଲିକ ପାଖକୁ ଯାଇ ମତେ ଆଠଥର ଟେକିଲା । ଢ଼େରେ ମୂଲା ମୁଲି କରି ଶେଷରେ ତେରଖଣ୍ଡ ଖଡ଼ଖଡିଆ ପାଁ ଶହ ଟଙ୍କିଆ ନୋଟ ତା' ହାତରେ ଗୁଞ୍ଜିଦେଇ ମୋତେ ଖୁଣ୍ଟରୁ ଫିଟେଇ ଯେଉଁ ରସିରେ ବାନ୍ଧିଆଣିଲା... ସେଇ ରସି, ଆଜି ମୋ ଗଳାର ଫାଶୀ ହେବ । ବୋଧେ ମୋ ମା' ଏକଥା ଜାଣିପାରିଥିଲା । ଆସିଲାଦିନ ଟଙ୍କା ପାଇ ମୋ ମାଲିକ ଯେତିକି ଖୁସି ହେଉଥିଲେ, ତା'ଠୁ ବେଶି ମୋ ମା' ଆଖିରୁ ଲୁହଢାଳି ରଡ଼ିକରି କାନ୍ଦୁଥିଲା । ମୁଁ କିନ୍ତୁ ଭାବୁଥିଲି, ଯୋଉଲୋକ ଏତେଟଙ୍କା ଦେଇ କିଣୁଛି, ତା'ର ପିଲାପିଲି ବୋଧେ ନାହିଁ ବୋଲି ମତେ ପାଳିବାକୁ ନେଉଛି । କିନ୍ତୁ ଆଜି ଏଠି ଏତେଲୋକଙ୍କ ଭୋଜି ଆୟୋଜନ ଆଉ କଂସେଇର ଛୁରୀକି ଧାରୁଆ କରିବା ଦେଖି ମୁଁ ଓଲଟାଗଣିବା ଆରମ୍ଭ କଲାଣି । ଆଉ ଅଳ୍ପସମୟରେ ମୋ ଶରୀର ଖଣ୍ଡ ଖଣ୍ଡ ହୋଇ, ମସଲାରେ କସାହୋଇ, ମଣିଷ ପେଟରେ ପଶିବ । ମୋ ମାଂସକୁ ସେଇ ବୋତଲର ରଙ୍ଗୀନ ପାଣି ଆହୁରି ମତୁଆଲା କରିବ । ଏଇ ସୁଯୋଗକୁ ଏ ଗାଡ଼ି ଡ୍ରାଇଭର ବି ହାତଛଡା କରିବନି, ମୁଁ ଜାଣେ । ହେଲେ ମୁଁ ବେଶି ଖୁସି ହୋଉଥାନ୍ତି, ଯଦି ମୋର ଏଇ ମାଂସ.. ସୀମାନ୍ତରେ ଜଗୁଥିବା, ପିଲାଛୁଆଙ୍କୁ ପଛକରି ଦେଶପାଇଁ ନିଜ ଜୀବନକୁ ପାଣି ଛଡେଇ ଲଢୁଥିବା ବୀର ଯବାନଙ୍କ ପେଟରେ ପଡିଥାନ୍ତା । ମୋ ଜୀବନ ଧନ୍ୟ ହୋଇଥାନ୍ତା । ଛାଡ଼ । ସବୁ ମୋ ଭାଗ୍ୟ ।

ସେଦିନ ସନ୍ଧ୍ୟାରେ ଖବର ପ୍ରଚାରହେଲା.. ଭୋଜିଖାଇ ନିଶାସକ୍ତ ଚାଳକପାଇଁ ଦୁର୍ଘଟଣା । ଗାଡ଼ି ଭିତରେ ଥିବା ଲୋକମାନଙ୍କ ଭିତରୁ ଛ'ଜଣଙ୍କ ଜୀବନ ଯାଇଛି । ଅନ୍ୟମାନେ କ୍ଷତବିକ୍ଷତ । କେଇଘଣ୍ଟା ଆଗର ମଉଜ ମସ୍ତି... ସଞ୍ଚରେ ଆଣିଛି ଦୁଃଖର ପରିଣତି । ଶୁଭୁଛି ଚିତ୍କାର.. ହେ ଈଶ୍ୱର ! ଆମକୁ ରକ୍ଷାକର ରକ୍ଷାକର ।

ଭାବୁଥିଲି, ଆଉ କେତେଦିନ ଆମେ ନୂଆବରଷକୁ ସ୍ୱାଗତକରିବା ଆଳରେ ମଦ ମାଂସ ଭିତରେ ସୁଖ ଶାନ୍ତି ଆନନ୍ଦ ଖୋଜୁଥିବା ? ପୁରୁଣା ବର୍ଷକୁ ବିଦାୟ ଦେଉଛୁ । ଅଥଚ ପୁରୁଣା ପଶୁ ପ୍ରବୃତ୍ତିକୁ ଛାଡିପାରୁନୁ । ନୂଆ ପୋଷାକ ପିନ୍ଧୁଛୁ । କିନ୍ତୁ ଆମ ପ୍ରକୃତି ପରିବେଶକୁ ସୁଧାରିବାକୁ ଧ୍ୟାନ ଦେଉନୁ । ସୁନ୍ଦର ଦାମୀ ଚପଲ ପିନ୍ଧୁଛୁ । ମାତ୍ର ଚରିତ୍ରକୁ ବଦଳେଇ ପାରୁନୁ । ଯେଉଁଦେଶରେ ଅନେକଲୋକ ବିଶୁଦ୍ଧ ପିଇବା ପାଣିବିନା ପ୍ରାଣ ହରାଉଛନ୍ତି, ଯଦି ନୂଆବରଷରେ ସଂକଳ୍ପକରି ଏଇ ବିଦେଶୀ ମୃଦୁ ବା ନିଶା ପାନୀୟ ପୁରୁଣା ବରଷକୁ ଛାଡିଲାଭଳି ଛାଡିପାରନ୍ତେ.. ତେବେ କୋଟିଏ ଲୋକଙ୍କ ପାଇଁ ସେଇ ଟଙ୍କାରେ ସାରାଜୀବନ ହୁଏତ ପିଇବାପାଣିର ଅଭାବପୂରଣ ଯୋଜନା ସଫଳ ହୋଇପାରନ୍ତା । ଅକାଳରେ ପରିବାର ପ୍ରିୟଜନଙ୍କ ଏତେ ବିୟୋଗ ଆଉ ହୁଅନ୍ତାନାହିଁ ।

ହେ ବାଗବାନ ! ଆମ ସମସ୍ତଙ୍କର ନୂତନ ବର୍ଷରେ ଦିବ୍ୟଜ୍ଞାନର ଉଦୟ ହେଉ । ହୃଦୟରେ ପରୋପକାରୀ, ସ୍ନେହ ପ୍ରୀତି, ମୈତ୍ରୀ, କରୁଣାରେ ଭରିଯାଉ । ସଂସାରରୁ ଦୁରାରୋଗ୍ୟ ବ୍ୟାଧି ଦୂରହେଉ । ଶାନ୍ତି ସ୍ଥାପନହେଉ, ସବୁରିପାଇଁ ଏଇ ପ୍ରାର୍ଥନା ।

*–ମଙ୍ଗରାଜ ପୁର, ପୁରୀ*

*ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ବିଶ୍ୱକୁ ପରିବର୍ତ୍ତନ କରିଥିବା ଡିଜିଟାଲ୍ ଉଦ୍ଭାବକଙ୍କ ଜୀବନୀ

**ମାଧୁରୀ ଅଧିକାରୀ, ପ୍ରକାଶକ–କାବ୍ୟଲୋକ, ଗ୍ୟାରେଜ ଛକ, ଭୁବନେଶ୍ୱର –୨, ମୂଲ୍ୟ–୨୦୦ଟଙ୍କା**

'ବିଶ୍ୱକୁ ପରିବର୍ତ୍ତନ କରିଥିବା ଡିଜିଟାଲ ଉଦ୍ଭାବକଙ୍କ ଜୀବନୀ'ର ଲେଖିକା ହେଉଛନ୍ତି ମାଧୁରୀ ଅଧିକାରୀ । ଏଥିରେ ବିଲ୍ ଗେଟ୍‌ସ୍, ଲାରୀ ପେଜ୍ ଓ ଇଲନ୍ ମସ୍କଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ କିପରି ବିଶ୍ୱକୁ ପରିବର୍ତ୍ତନ କରାଯାଉଛି ତା'ର ଦୀର୍ଘ ଆଲୋଚନା ସହ ଚିତ୍ର ମାଧମରେ ବୁଝାଯାଇଛି । ସେହିପରି ଲାରୀ ପେଜ୍ ଓ ଇଲନ୍ ମସ୍କଙ୍କ କଥା ମଧ୍ୟ ଏଥିରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ପୁସ୍ତକଟି ସବୁ ବର୍ଗର ପାଠକଙ୍କ ଲାଗି ଉଦ୍ଦିଷ୍ଟ । ଅନୁସନ୍ଧିତ୍ସୁ ଓ କିଶୋରଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା ।



### କାହାଣୀର ନାଁ ଖୁସୀ

**ମୃତ୍ୟୁଞ୍ଜୟ ଷଡଙ୍ଗୀ**

**ପ୍ରକାଶକ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

**ବିନୋଦ ବିହାରୀ, କଟକ, ମୂଲ୍ୟ–୨୦୦ଟଙ୍କା**

'କାହାଣୀର ନାଁ ଖୁସୀ' ପୁସ୍ତକର ଲେଖକ ମୃତ୍ୟୁଞ୍ଜୟ ଷଡଙ୍ଗୀ । ଏଥିରେ ୧୨ଟି ସକାରାତ୍ମକ କାହାଣୀ ପ୍ରକାଶିତ ହୋଇଛି । 'ଖୁସୀ'ଠାରୁ ଆରମ୍ଭ ହୋଇ 'ଲାଲ ଦିଗନ୍ତ'ରେ ଶେଷ ହୋଇଛି । ଏଥିରେ ଯେଉଁ କାହାଣୀଗୁଡିକୁ ଲେଖକ ଷଡଙ୍ଗୀ ଚିତ୍ରଣ କରିଛନ୍ତି ତାହା ଜୀବନ୍ତ ଓ ସୁଖପାଠ୍ୟ । 'ଖୁସୀ' କାହାଣୀରେ ଭାଉଜଙ୍କ ଚରିତ୍ରକୁ ବେଶ୍ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି, ଯାହା ସମସ୍ତଙ୍କ ଲାଗି ଶିକ୍ଷଣୀୟ । ସେହିପରି 'ମାନଚିତ୍ର' କାହାଣୀରେ ସୁଦୀପ୍ତ ଓ ରମାକାନ୍ତ ଚରିତ୍ରକୁ ମଧ୍ୟ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି । ପୁସ୍ତକଟି ପାଠକାଦୃତ ହେବ ।



### କୃଷ୍ଣ ଖଟୱାଣୀଙ୍କ ସାତଦିନ

**ଅନୁସୃଜନ ବଦ୍ରୀ ମହାନ୍ତି**

**ପ୍ରକାଶକ–ଚିତ୍ତରଞ୍ଜନ ବଳିୟାରସିଂହ ଗାୟତ୍ରୀ**

**ବରଗଡ, ଭୁବନେଶ୍ୱର–୧୮, ମୂଲ୍ୟ–୯୦ଟଙ୍କା**

'କୃଷ୍ଣ ଖଟୱାଣୀଙ୍କ ସାତଦିନ' ଏକ ପ୍ରାୟୋଗବାଦୀ ଓ ମନସ୍ତାତ୍ତ୍ୱିକ ଉପନ୍ୟାସ । ଏହାକୁ ଓଡିଆରେ ଅନୁସୃଜନ କରିଛନ୍ତି ବଦ୍ରୀ ମହାନ୍ତି । ଉପନ୍ୟାସଟିରେ ସଫଳତାର ସହ ଚରିତ୍ର ଅନୁଶୀଳନ କରାଯାଇଛି । ଯାହା ଉପନ୍ୟାସଟିକୁ ଜୀବନ୍ତ କରିଛି । ଏଥିରେ ଡାକ୍ତର ଦମ୍ପତିଙ୍କ ମାନସିକ ଦ୍ୱନ୍ଦ୍ୱ, ବାସ୍ତବିକତା ଓ ଜୀବନଯାତ୍ରାକୁ ଅଭିନବଶୈଳୀରେ ପ୍ରକାଶ କରାଯାଇଛି । ଏହାର କାହାଣୀ ବେଶ୍ ମନଛୁଆଁ । ଏହା ଯେଉଁ 'ଶନିବାର' କାହାଣୀରୁ ଆରମ୍ଭ ହୋଇଛି, ସେଥିରେ ଶରତ, ସାମ୍ବାଦିକ ନରୋନ୍ ଓ ସୁମିତା ଚରିତ୍ରକୁ ନିଖୁଣ ଭାବେ ଚିତ୍ରଣ କରାଯାଇଛି । ଯାହା ପାଠକଲେ ଜଣେ ଆହୁରି ଆଗକୁ ଯିବାକୁ ଇଛା କରିବ ଏଥିରେ ସନ୍ଦେହ ନାହିଁ ।









# ମେକ୍‌ଅପ ଇଲ୍ୟୁଜନ

ମିମି ଚୋଇ ପେସାରେ ଜଣେ ମେକ୍‌ଅପ୍ ଆର୍ଟିଷ୍ଟ। ତେବେ ଏବେ ସେ ତାଙ୍କର ଥ୍ରୀ ଡି ମେକ୍‌ଅପ୍ ଇଫେକ୍ଟ ପାଇଁ ବେଶ୍ ପରିଚିତ। ଏଭଳି ମେକ୍‌ଅପ୍ ମାଧ୍ୟମରେ ସେ ଏମିତି ଇଲ୍ୟୁଜନ ବା ଭ୍ରମ ସୃଷ୍ଟି କରିପାରନ୍ତି ଯେ, ସମସ୍ତେ ଚକିତ ହୋଇଯାଆନ୍ତି। ସେ ନିଜ ଚେହେରାକୁ କାନ୍‌ଭାସ୍ କରି ବିଭିନ୍ନ ଭ୍ରମ ସୃଷ୍ଟିକାରୀ ଥ୍ରୀ ଡି ମେକ୍‌ଅପ୍ କରନ୍ତି। କେବେ ସେ ନିଜ ଚେହେରାକୁ ଖଣ୍ଡ ଖଣ୍ଡ କରିବା ଭଳି ଭ୍ରମ ସୃଷ୍ଟି କରନ୍ତି ତ କେବେ ଚେହେରାରେ କରନ୍ତି ଅନେକ ଆଖିର ପେଣ୍ଟିଂ। ତାହା ଏତେ ବାସ୍ତବ ହୋଇଥାଏ ଯେ, ଜାଣି ହୁଏନା କେଉଁଟି ବାସ୍ତବ ଓ କେଉଁଟି ଭ୍ରମ। ଏମିତି ଅନେକ ଭ୍ରମ ସୃଷ୍ଟିକାରୀ ମେକ୍‌ଅପ୍ କରନ୍ତି ସେ ନିଜ ଚେହେରାରେ। ସବୁବେଳେ କିଛି ନୂଆ ଭିନ୍ନ ଧରଣର ଚକିତ କରିଦେଲା ଭଳି ମେକ୍‌ଅପ୍ ଇଲ୍ୟୁଜନ ସେ କରନ୍ତି। ଆଉ ଏଭଳି ଇଲ୍ୟୁଜନ୍ କରିବାର ଯୋଜନା ସେ ନିଜ ସ୍ୱପ୍ନରୁ ପାଆନ୍ତି ବୋଲି କୁହନ୍ତି।

ବ୍ୟାକ୍ ପେଜ୍







# ମୃତ କୀଟପତଙ୍ଗଙ୍କୁ ଦିଅନ୍ତି ପରୀର ରୂପ

ନେଦରଲାଣ୍ଡର କଳାକାର ସେଡ୍ରିକ୍ ଲାକୁଇଜ୍। ତାଙ୍କ କଳା କାରିଗରି ସମ୍ପୂର୍ଣ୍ଣ ଭିନ୍ନ। ସେ ମୃତ କିଟପତଙ୍ଗଙ୍କୁ ଦିଅନ୍ତି ନୂଆ ଏକ ରୂପ। ଅର୍ଥାତ ମୃତ କିଟପତଙ୍ଗଙ୍କୁ ସଂଗ୍ରହ କରି ସେ ତାକୁ ପରୀ ଭଳି ଆକୃତି ଦିଅନ୍ତି। କଥାଟି ବିଶ୍ୱସନୀୟ ନ ଲାଗିଲେ ବି ସତ। ୧୦ ବର୍ଷ ଧରି ସେ ଏହି କାମ କରୁଛନ୍ତି। ଏଥିପାଇଁ ସେ ବିଭିନ୍ନ ପ୍ରଜାତିର ମୃତ କୀଟପତଙ୍ଗ ସଂଗ୍ରହ କରନ୍ତି। ତା'ପରେ ବେଶ୍ ସତର୍କତାର ସହ ସେମାନଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ଅଲଗା ଅଲଗା କରନ୍ତି। ଆଉ ଭିନ୍ନ ଭିନ୍ନ କୀଟପତଙ୍ଗର ଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଯୋଡ଼ି ସେ ଗୋଟିଏ ପରୀର ଆକୃତି ଗଢ଼ନ୍ତି। ବେଳେବେଳେ ସେ ୧୦ ପ୍ରକାରର କୀଟପତଙ୍ଗର ଶରୀରକୁ ଯୋଡ଼ି ଗୋଟିଏ ସ୍ଥାପତ୍ୟ ଗଢ଼ିଥାନ୍ତି। ପ୍ରତ୍ୟେକ କଳାକୃତି ଭିନ୍ନ ଓ ଆକର୍ଷକ ହୋଇଥାଏ। କୌଣସି ଗୋଟିଏ କଳାକୃତି ଦେଖିବାକୁ ଏକା ହୋଇ ନ ଥାଏ। ଏହି ପଦ୍ଧତିରେ ତିଆରି କରୁଥିବା ପରୀର କଳାକୃତିଗୁଡ଼ିକ ଏତେ ଆକର୍ଷକ ହୋଇଥାଏ ଯେ, ସେଗୁଡ଼ିକ କୌଣସି କାଳ୍ପନିକ କାହାଣୀର ଚରିତ୍ର ପରି ଲାଗନ୍ତି।



# ରକ୍ତରେ ଚିତ୍ର



କାନ୍‌ଭାସ୍‌ରେ ଚିତ୍ରକର ରଙ୍ଗତୂଳୀ ସାହାଯ୍ୟରେ ଚିତ୍ର କରେ। ହେଲେ ଫିଲିପାଇନ୍ସର ଏଲିଟୋ ସିର୍‌କା ନାମକ ଜଣେ ଚିତ୍ରକର ଏଭଳି ଜିନିଷକୁ ବ୍ୟବହାର କରି ଚିତ୍ର କରୁଛନ୍ତି, ଯେଉଁଥିପାଇଁ ସେ ପ୍ରଶଂସିତ ହେବା ସହ ଅନେକେ ତାଙ୍କୁ କ୍ରିଟିସାଇଜ୍ ବି କରୁଛନ୍ତି। ସେ ନିଜ ରକ୍ତକୁ ବ୍ୟବହାର କରି ତିଆରି କରୁଛନ୍ତି ଅନେକ ଆକର୍ଷକ କାନ୍‌ଭାସ୍ ପେଣ୍ଟିଂ। ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଏଲିଟୋ ସିର୍‌କା ଚିତ୍ର କରିବା ଲାଗି ସାମଗ୍ରୀ କିଣି ପାରୁ ନ ଥିଲେ। ତେଣୁ ସେ ପେଣ୍ଟିଂ କରିବା ପାଇଁ ବିଭିନ୍ନ ପ୍ରକାରର ଅଦରକାରୀ ସାମଗ୍ରୀ ବ୍ୟବହାର କରିବା ଆରମ୍ଭ କରିଥିଲେ। ଆଉ ଶେଷରେ ସେ ନିଜ ରକ୍ତକୁ ବ୍ୟବହାର ଚିତ୍ର କରିବା ଆରମ୍ଭ କଲେ। ସେହି ପେଣ୍ଟିଂଗୁଡିକୁ ତାଙ୍କୁ ବେଶି ନିଜର ଲାଗିଲା। ତାହା ତାଙ୍କ ଜୀବନର ଅଙ୍ଗ ପାଲଟିଗଲା। ତେବେ ଏହି ରକ୍ତକୁ ନିଜ ଶରୀରରୁ ବାହାର କରିବା ପାଇଁ ୩ ମାସରେ ଥରେ କ୍ଲିନିକ୍‌କୁ ଯାଇ ନିଜ ରକ୍ତକୁ ଶରୀରରୁ ବାହାର କରନ୍ତି। ଆଉ ତାକୁ ତାଙ୍କ ଷ୍ଟୁଡିଓର ଫ୍ରିଜର୍‌ରେ ଷ୍ଟୋର କରି ରଖନ୍ତି। ଆବଶ୍ୟକ ବେଳେ ସେଥିରୁ କିଛି କିଛିକୁ ବାହାର କରି ପେଣ୍ଟିଂ କରନ୍ତି। ସେ କୁହନ୍ତି, ରକ୍ତରେ ପେଣ୍ଟିଂ କରୁଥିବାରୁ ଅନେକେ ମତେ କ୍ରିଟିସାଇଜ କରନ୍ତି। ହେଲେ ମୁଁ ଲୋକଙ୍କ ମନରେ ରକ୍ତକୁ ନେଇ ଥିବା ଭୟକୁ ଦୂର କରିବାକୁ ଚାହେଁ। ରକ୍ତର ଅର୍ଥ ମୃତ୍ୟୁ ନୁହେଁ ବରଂ ପ୍ରେମ ଓ ଜୀବନ ବୋଲି ଜଣାଇବାକୁ ଚାହେଁ।

